## ସଂକ୍ଷେପରେ

### ପୋଲିସ ମୁଖ୍ୟାଳୟରେ ଡେପୁଟି ସୁବେଦାରଙ୍କ ଆତ୍ମହତ୍ୟା ଉଦ୍ୟମ

କୋରାପୁଟ,୨୬।୭(ଅମିତାଭ ବେହେରା)- କୋରାପୁଟ ପୋଲିସ ମୁଖ୍ୟାଳୟ ପରିସରରେ ବୁଧବାର ଏକ ଅଘଟଣ ଘଟିଛି। ମୁଖ୍ୟାଳୟରେ ମାଓବାଦୀ ସେଲ୍‌ରେ ଡେପୁଟି ସୁବେଦାର ଭାବେ କାର୍ଯ୍ୟ କରୁଥିବା ନରେନ୍ଦ୍ର ବିଶ୍ୱାଳ ନିଜ ବନ୍ଧୁକରୁ ଗୁଳି ଫୁଟାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ପାଇଁ ବିଶ୍ୱାଳଙ୍କୁ ବିଶାଖାପାଟଣାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଖବର ପାଇ ଏସ୍‌ପି ଅଭିନବ ସୋନକାରଙ୍କ ସମେତ ବହୁ ପୋଲିସ ପଦସ୍ଥ ଅଧିକାରୀ ମେଡିକାଲରେ ପହଞ୍ଚି ତାଙ୍କର ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବାକୁ ଗୁରୁତ୍ୱାରୋପ କରିଥିଲେ। ନିଜ ବନ୍ଧୁକର ଗୁଳି ବିଶ୍ୱାଳଙ୍କ ବେକରେ ପଶି ମୁଣ୍ଡରେ ବାହାରିଯାଇଛି। ଏହି ଘଟଣା କେଉଁ କାରଣରୁ ହେଲା ସେଥିନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଖବର ଲେଖା ହେବାଯାଏ ଏସମ୍ପର୍କରେ ପୋଲିସ ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନାହିଁ।

### ବାଇକ୍ ଚୋରି ଅଭିଯୋଗ, ଜଣେ ଗିରଫ

କୋରାପୁଟ,୨୬।୭(ଅମିତାଭ ବେହେରା)- ବାଇକ୍ ଚୋରି ଅଭିଯୋଗରେ କୋରାପୁଟ ଟାଉନଥାନା ପୋଲିସ ବୁଧବାର ଜଣଙ୍କୁ ଗିରଫ କରିଛି। ସେ ହେଲେ କୋରାପୁଟ ସହର ଟିକିରାସାହିର ସୁଶାନ୍ତ ହିଆଲ। ମଙ୍ଗଳବାର ଜିଇଡି କୋଲନୀର ଡିଭି ଗୋବିନ୍ଦାଙ୍କ ବାଇକ୍ (ଓଡି ୧୦ଏଫ ୧୯୬୨)ଚୋରି ହୋଇଯାଇଥିବା ଲା। ଏନେଇ ବାଇକ୍ ମାଲିକ ଗୋବିନ୍ଦା ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ୨୧୧/୨୩ରେ ମାମଲା ରୁଜୁ କରିଥିଲା। ଏହାର ତଦନ୍ତ ଦାୟିତ୍ୱ ଏଏସ୍‌ଆଇ ହୃଦୟ ରଞ୍ଜନ ପଟ୍ଟନାୟକ ନେଇଥିଲେ। ସହରର ବିଭିନ୍ନ ସ୍ଥାନରେ ଚଢାଉ କରି ସେ ଟିକିରାସାହି ଅଞ୍ଚଳରୁ ଚୋରି ଗାଡିକୁ ଜବତ କରିଥିଲେ। ଏଥିରେ ସମ୍ପୃକ୍ତ ସହ ସୁଶାନ୍ତଙ୍କୁ ଗିରଫ କରାଯାଇଥିଲା।

### ଅସଦାଚରଣ, ହତ୍ୟା ଧମକ ମାମଲାରେ ଜଣେ ଗିରଫ

ଜୟପୁର, ୨୬।୭ (ପବନ ପାଣିଗ୍ରାହୀ)- ଅସଦାଚରଣ ଓ ହତ୍ୟା ଧମକ ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଟାଉନ ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ମାଛବନ୍ଧ ସାହିର ଅନଜ ଗୌଡ଼ (୩୦)। ଢେରାସାହିରେ ରହୁଥିବା ଜଣେ ମହିଳାଙ୍କୁ ଅନଜ ଅସଦାଚରଣ କରିବା ସହ ତାଙ୍କୁ ହତ୍ୟା ଧମକ ଦେଉଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଥିଲା।

### ଚାରା ରୋପଣ ସହ କାର୍ଗିଲ ବିଜୟ ଦିବସ ପାଳିତ

ସେମିଳିଗୁଡା/ ସୁନାବେଡା,୨୬।୭( ବାସୁଦେବ ବରାଡ଼/କୃତ୍ତିବାସ ପ୍ରଧାନ ) ସେମିଳିଗୁଡା ମହାବିଦ୍ୟାଳୟରେ ଯୁଥ ରେଡ଼କ୍ରସ ଏବଂ ଜାତୀୟ ସେବା ଯୋଜନାର ମିଳିତ ସହଯୋଗରେ କାର୍ଗିଲ ବିଜୟ ଦିବସ ଓ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ନିଳାଞ୍ଚଳ ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ବୃକ୍ଷରୋପଣର ମହତ୍ତ୍ୱ ସମ୍ପର୍କରେ ସୂଚନା ଦେବା ସହ ପ୍ରଥମେ ଏକ ଚାରାରୋପଣ କରିଥିଲେ। ପରିଚାଳନା ସମିତି ସଭାପତି ଡ. ପ୍ରଦୀପ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣର ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରିଥିଲେ। ସେହିପରି ପ୍ରଶାସନିକ ଅଧିକାରୀ ଡ. ରମାରଞ୍ଜନ ପଟ୍ଟନାୟକ, ଦେବରାଜ ନାୟକ, ହର ପ୍ରସାଦ ପତି, ଅଲେଖ ପ୍ରସାଦ ପଣ୍ଡା, ଡ଼ ଗୀତା ପଟ୍ଟନାୟକ, ସୁରେଶ ପାଇକରାୟ, ଲଳିତା ପ୍ରଧାନ, ପିଙ୍କି ଗୋୟଲ, ରମେଶ ମଲ୍ଲିକ, ସ୍ୱସ୍ତିକ ବେହେରାଙ୍କ ସମେତ ଅନ୍ୟମାନେ ଶତାଧିକ ଔଷଧୀୟ ଚାରାରୋପଣ କରିଥିଲେ। ଯୁବ ରେଡ଼କ୍ରସ କାଉନ ସେଲର ଡ଼. ବିଦ୍ୟୁତ୍‌ପ୍ରଭା ରାଉତ,ଏନଏସଏସ ଅଫିସର ଶିବାଶିଷ ପଟ୍ଟନାୟକ ଏବଂ ବାସନ୍ତୀ ଶ୍ରୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସଭାରେ କାର୍ଗିଲ ବିଜୟ ଦିବସର ମହତ୍ତ୍ୱ ସମ୍ପର୍କରେ ମଧ ଅତିଥିମାନେ ଆଲୋଚନାକରିଥିଲେ।

# ୪ ଦାବି ପୂରଣ ନେଇ କର୍ମଚାରୀଙ୍କ ଧାରଣା

ଦଶମନ୍ତପୁର/କୁନ୍ଦୁରା, ୨୬।୭ (ଅରବିନ୍ଦ ନାୟକ/ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା ଦଶମନ୍ତପୁର ଦଶମନ୍ତପୁର ବ୍ଲକ ସଦର ମହକୁମାସ୍ଥିତ ରାଧାକୃଷ୍ଣ ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କର୍ମଚାରୀମାନେ ସେମାନଙ୍କ ୪ଦଫା ଦାବି ପୂରଣ ନେଇ ବୁଧବାର ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ନିଖିଳ ଓଡ଼ିଶା ୬୬୨ (+୨ଓ+୩) ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ଆହ୍ୱାନକ୍ରମେ ରାଧାକୃଷ୍ଣ ଆଦିବାସୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀମାନେ ମୁଖ୍ୟ ଫାଟକ ସମ୍ମୁଖରେ ଧାରଣାରେ ବସିଛନ୍ତି। ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀଙ୍କୁ ସମାନ ଗ୍ରେଡ୍ ପେ ଲାଗୁ କରି ସମାନ ବେତନ ଦେବା,ସମସ୍ତ କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ସପ୍ତମ ବେତନ କମିଶନଙ୍କ ସୁପାରିସକୁ କାର୍ଯ୍ୟକାରୀ କରି ଏଥିରେ କର୍ମଚାରୀଙ୍କୁ ସାମିଲ କରିବା ଏବଂ ଏଥିରୁ ବାଦ୍ ପଡ଼ିଥିବା କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ


ଦଶମନ୍ତପୁରରେ ଧାରଣାରେ ସାମିଲ ହୋଇଥିବା କର୍ମଚାରୀ।

କରିବା ଆଦି ସେମାନଙ୍କ ଦାବି ରହିଛି। ଗତ ୨୦।୭।୨୩ ରିଖରୁ ଆମେ ସମସ୍ତ କର୍ମଚାରୀ ଏହି ଆନ୍ଦୋଳନ କରିବା ମାତ୍ର ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଦୃଷ୍ଟିରେ ରଖି ସେମାନଙ୍କ ନାମଲେଖା ଶେଷ କରିବା ପରେ ଆମେ ଏହି ଆନ୍ଦୋଳନ କଲୁ ବୋଲି ଅଧ୍ୟାପକ ସରୋଜ ତୁଳ କହିଛନ୍ତି। ଏଥିରେ ଅଧ୍ୟାପକ ଆର୍ତ୍ତତ୍ରାଣ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ମହାପାତ୍ର, ଅନିଲ ଦୋରା, ମଧୁଲିତା ପଟ୍ଟନାୟକ, ମକର ସଗର, ଜଗନ୍ନାଥ ମୁଦୁଲିଙ୍କ ସମେତ ସମସ୍ତ ଅଧ୍ୟାପିକା, ଅଧ୍ୟାପକ ଏବଂ କର୍ମଚାରୀମାନେ ସାମିଲ ହୋଇଛନ୍ତି।

ସେହିପରି କୁନ୍ଦୁରା ବ୍ଲକ ବ୍ଲକ ସଦର ମହକୁମାସ୍ଥିତ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟଠାରେ ମଧ ବୁଧବାର ସମସ୍ତ ଅଧ୍ୟାପିକା ଅଧ୍ୟାପକମାନେ କଲେଜ ମୁଖ୍ୟ ଫାଟକରେ ତାଲା ପକାଇ ବିରୋଧ ପ୍ରଦର୍ଶନ କରିଛନ୍ତି। ସେମାନଙ୍କ ୪ ଦଫା ଦାବିପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ରଖିବାକୁ ସେମାନେ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବୁଧବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ୬୬୨ ବର୍ଗ କଲେଜ ଅଧ୍ୟାପକ ସଂଘ ପାଠ ପଢ଼ାରୁ ନିବୃତ ରହିବ ବୋଲି ସଂଘ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଦାବିଗୁଡିକ ହେଲା ସମାନ ଗ୍ରେଡ୍ ପେ ଆଧାରରେ ସମସ୍ତ ବର୍ଗଙ୍କୁ ସମାନ ଦରମା ଲାଗୁ କରାଯାଉ। ୬୬୨ବର୍ଗର କର୍ମଚାରୀଙ୍କୁ ପେନ୍‌ସନଭୁକ୍ତ କରାଯାଉ। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ଜିଲାପାଳଙ୍କ ଜରିଆରେ ସେମାନଙ୍କ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ୨୦ ପର୍ଯ୍ୟନ୍ତ ନିଷ୍ପତ୍ତି ନେବାକୁ ସମୟ ଧାର୍ଯ୍ୟ କରାଯାଇଥିଲା। ଏବେ ୮୦ ପ୍ରତିଶତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଭୁବନେଶ୍ୱରରେ ଆନ୍ଦୋଳନ କରୁଥିବା ବେଳେ ଅନ୍ୟ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ କଲେଜରେ ତାଲା ପକାଇ କଲେଜ ସାମ୍ମୁଖରେ ଧାରଣା ଦେଇଛନ୍ତି। ୨୦ରୁ ୬ ଦିନ ବିତିଯିବା ସତ୍ତ୍ୱେ ସରକାର କୌଣସି ନିଷ୍ପତ୍ତି ନେଉ ନ ଥିବାରୁ ବୁଧବାରଠାରୁ ଦାବିପୂରଣ ନ ହେବା ପର୍ଯ୍ୟନ୍ତ +୨ ଓ +୩ କଲେଜରେ ପାଠ ପଢା ବନ୍ଦ ରଖିବା ସହ ତାଲା ପକାଇ ରାସ୍ତାରେ ପ୍ରତିବାଦ କରିବା ଜାରି ରହିବ ବୋଲି ଅଧକ୍ଷା ରୀତାରାଣୀ କରଣ କହିଛନ୍ତି।

# ରଙ୍ଗବାଲି କୁମ୍ଭା, ଲକ୍ଷ୍ମୀପୁର ଟିମ୍ ବିଜୟୀ

## ଜିଲାସ୍ତରୀୟ କେଡିଏଫଏ କପ୍ ଫୁଟବଲ ଟୁର୍ନାମେଣ୍ଟ

କୋରାପୁଟ,୨୬।୭(ଅମିତାଭ ବେହେରା)

କୋରାପୁଟ ଜିଲା ଫୁଟବଲ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଓଏସ୍‌ଏପି ପଡିଆଠାରେ ଚାଲିଥିବା ଜିଲାସ୍ତରୀୟ କେଡିଏଫଏ କପ୍ ଫୁଟବଲ ଟୁର୍ନାମେଣ୍ଟର ବୁଧବାର ଆୟୋଜିତ ଦୁଇଟି ମ୍ୟାଚରେ କୋରାପୁଟର ରଙ୍ଗବାଲି କୁମ୍ଭା ଓ ଲକ୍ଷ୍ମୀପୁର ଟିମ୍ ବିଜୟୀ ହୋଇଛନ୍ତି। ଆୟୋଜିତ ମ୍ୟାଚରେ କେଡିଏଫଏର ସମ୍ପାଦକ ଜେ. ହେମାରାଓ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ପ୍ରଥମ ମ୍ୟାଚ ରଙ୍ଗବାଲି କୁମ୍ଭା ଏବଂ ଜଡାଗୁଡା ଟିମ୍ ମଧ୍ୟରେ ହୋଇଥିଲା। ରଙ୍ଗବାଲି କୁମ୍ଭା ଟିମ୍ ବିପକ୍ଷ ଜଡାଗୁଡାକୁ ୪-୩ ଗୋଲ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଲକ୍ଷ୍ମୀପୁର ଓ ୟୁନିଟେଡ କ୍ଲବ ଦଳ ମଧ୍ୟରେ ହୋଇଥିଲା। ଲକ୍ଷ୍ମୀପୁର ଟିମ୍ ୪-୦ ଗୋଲ ବ୍ୟବଧାନରେ ବିପକ୍ଷ ୟୁନିଟେଡ କ୍ଲବ ଟିମ୍‌କୁ ପରାସ୍ତ କରି ବିଜୟୀ ହୋଇଥିଲା। ପ୍ରବଳ ବର୍ଷା ସତ୍ତ୍ୱେ ଏହି ଖେଳକୁ ଦେଖିବା ପାଇଁ ପଡିଆର ଚତୁଃପାର୍ଶ୍ୱରେ ବହୁ କ୍ରୀଡାପ୍ରେମୀଙ୍କ ଉପସ୍ଥିତି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲା।

# ଶହୀଦଙ୍କ ଜନ୍ମମାଟିରୁ ମାଟିଲଗ୍ନା ସାହିତ୍ୟ ସଂସଦର ମଶାଲ ଶୋଭାଯାତ୍ରା


ଶହୀଦ ଲକ୍ଷ୍ମଣ ନାଏକଙ୍କ ନାତି ମଧୁ ନାଏକଙ୍କଠାରୁ ସାହିତ୍ୟ ସଂସଦ କର୍ମକର୍ତ୍ତା ମଶାଲ ଗ୍ରହଣ କରୁଛନ୍ତି।

ଜୟପୁର,୨୬।୭ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅନ୍ତର୍ଗତ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜନ୍ମମାଟି ତେନ୍ତୁଳିଗୁମ୍ମାରେ ମାଟିଲଗ୍ନା ସାହିତ୍ୟ ସଂସଦ ଏକ ମଶାଲ ଶୋଭାଯାତ୍ରା କରିଛି। ସଭାପତି କିଶୋର ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ହୋଇଥିବା ଏହି ଶୋଭାଯାତ୍ରା ସ୍ଥାନୀୟ ଛାତ୍ରଛାତ୍ରୀଙ୍କୁ ନେଇ ଗ୍ରାମ ପରିକ୍ରମା କରିଥିଲା। ତେନ୍ତୁଳିଗୁମ୍ମାସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ତାଙ୍କ ନାତି ମଧୁ ନାୟକଙ୍କ ଦ୍ୱାରା ମଶାଲ ପ୍ରଜ୍ୱଳନ କରାଯାଇଥିଲା। ପରେ ସଂସଦ କର୍ମକର୍ତ୍ତାମାନେ ଏହାକୁ ଗ୍ରହଣ କରି ଶୋଭାଯାତ୍ରା କରିଥିଲେ। ମାଟିଲଗ୍ନା ସାହିତ୍ୟ ସଂସଦର ତୃତୀୟ ପ୍ରତିଷ୍ଠା ଦିବସ ଉପଲକ୍ଷେ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଅବିଭକ୍ତ କୋରାପୁଟ ଜିଲାର ଆଞ୍ଚଳିକ ଭାଷା,ସାହିତ୍ୟ, ସଂସ୍କୃତି ସହିତ ଐତିହାସିକ ଭିତ୍ତିଭୂମିର ବିକାଶ ପାଇଁ ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ଲୋକ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏଥିରେ ଅନୁଷ୍ଠାନର ଜିଲା ଉପଦେଷ୍ଟା ସୀମାଞ୍ଚଳ ପଣ୍ଡା,ସମ୍ପାଦକ ପ୍ରଧାନ ଶିକ୍ଷକ ସୂର୍ଯ୍ୟ ନାରାୟଣ ସାବତ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଭକ୍ତ ମେହେର, ସହକାରୀ ଶିକ୍ଷକ ଅନିଲ ପୂଜାରୀ, ଅଲେଖ ଜେନା, ସନ୍ୟାସୀ ଭୂମିଆ, ନରସିଂହ ଗୌଡ ପ୍ରମୁଖ ଯୋଗ ଦେଇଥିଲେ।

# ଚାଟୁଆରେ ଆନ୍ଧ୍ର-ଓଡ଼ିଶା ଅଧିକାରୀଙ୍କ ଆଲୋଚନା ଆଜି

ନନ୍ଦପୁର, ୨୬।୭(ଶଙ୍କର ପୂଜାରୀ)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଚାଟୁଆ ଫରେଷ୍ଟ ଗେଷ୍ଟ ହାଉସରେ ଆନ୍ଧ୍ର-ଓଡିଶାର ସୀମା ବିବାଦକୁ ନେଇ ଦୁଇ ରାଜ୍ୟର ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଗୁରୁବାର ପୂର୍ବାହ୍ନ ୧୧ଟାରେ ଏକ ବୈଠକ ବସିବ। ଆନ୍ଧ୍ର ସହ ଏହା ହେଉଛି ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା। ପ୍ରଥମ ପର୍ଯ୍ୟାୟ ବୈଠକୁ ଆନ୍ଧ୍ର ଅଧିକାରୀମାନେ ସେମାନଙ୍କ ରାଜସ୍ୱ ମ୍ୟାପ ଓ ଅନ୍ୟାନ୍ୟ କାଗଜପତ୍ର ନେଇ ଆସି ନ ଥିବା କହିବାରୁ ସେହି ବୈଠକରେ ବିଶେଷ ଆଲୋଚନା ହୋଇପାରି ନ ଥିଲା। ସେମାନେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ସେ ସମୟରେ ଓଡ଼ିଶା ପକ୍ଷରୁ ଉପସ୍ଥିତ ଥିବା କୋରାପୁଟ ଉପଜିଲାପାଳ ବେଣୁଧର ଶବରଙ୍କୁ ସମୟ ମାଗିଥିଲେ। ଫଳରେ ପ୍ରଥମ ପର୍ଯ୍ୟାୟର ବୈଠକ ବିଫଳ ହୋଇଥିଲା। ବ୍ଲକ ସୀମାନ୍ତ ଗୋଲୁର ପଞ୍ଚାୟତର ରାଇପାହାଡ ଗ୍ରାମରେ ଆନ୍ଧ୍ର ପ୍ରଶାସନର ଅନୁପ୍ରବେଶ, ଦେଢ଼ କି.ମି. ନିଜ ସୀମା ଡେଇଁ ବିଭିନ୍ନ କେନ୍ଦ୍ରୀୟ ଯୋଜନା ଓ ଆନ୍ଧ୍ର ରାଜ୍ୟ ସରକାରଙ୍କ ଯୋଜନାରେ ରାଇପାହାଡ ଗ୍ରାମବାସୀଙ୍କୁ ଅନାଧିକାର ଭାବେ ସାମିଲ କରିବା ସମ୍ପର୍କରେ ଗୁରୁବାର ବୈଠକରେ ଆଲୋଚନା କରାଯିବାକୁ ବ୍ଲକ ପ୍ରଶାସନ ପକ୍ଷରୁ ସ୍ଥିର ହୋଇଛି। କୋରାପୁଟ ଜିଲା ପ୍ରଶାସନର ନିର୍ଦ୍ଦେଶ ମୁତାବକ ନନ୍ଦପୁର ତହସିଲଦାର ନରସିଂହ ଗାଦବା କାର୍ଯ୍ୟାଳୟ ପତ୍ରସଂଖ୍ୟା ୧୪୬୫/୨୦୨୩ରେ ଆନ୍ଧ୍ରର ଡୁମୁରିଗୁଡା ତହସିଲଦାରଙ୍କୁ ପତ୍ର ଲେଖି ୨୭ ତାରିଖ ଗୁରୁବାର ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଜଣାଇଛନ୍ତି। ଦୁଇ ରାଜ୍ୟ ସୀମାର ଚାଟୁଆ ଫରେଷ୍ଟ ଗେଷ୍ଟ ହାଉସ୍‌ଠାରେ ଏହି ବୈଠକ ହେବ। ଆଲୋଚନାକୁ ଆବଶ୍ୟକ ଦସ୍ତାବିଜ ସହ ଡୁମୁରିଗୁଡା ତହସିଲ, ଜଙ୍ଗଲ ବିଭାଗ, ଡୁମୁରିଗୁଡା ବିଡିଓ ଓ କୋନଡୁମ ପଞ୍ଚାୟତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ରହିବାକୁ ଅବଗତ କରାଯାଇଛି। ଓଡ଼ିଶା ପକ୍ଷରୁ କୋରାପୁଟ ଉପଜଲାପାଳ ଶବର, ନନ୍ଦପୁର ତହସିଲଦାର ନରସିଂହ ଗାଦବା, ବିଡିଓ ସୁଜିତ ମିଶ୍ର, ଏସ୍‌ଡିପିଓ ସଞ୍ଜୟ ମହାପାତ୍ର, ବାଲଡ଼ା ବନାଞ୍ଚଳ ଅଧିକାରୀ ବାଦଲ ମହାନ୍ତି, ପାଡୁଆ ଥାନାଧିକାରୀ ସବ୍ୟସାଚି ଶତପଥୀ, ବନପାଳ ସ୍ୱର୍ଣ୍ଣାଞ୍ଜଳି କଅାଁର, ରାଜସ୍ୱ ନିରୀକ୍ଷକ ଅକ୍ଷୟ କ୍ଷତ୍ରିଙ୍କ ସମେତ ବ୍ଲକ ଓ ସୀମାନ୍ତ ପଞ୍ଚାୟତର ଲୋକ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହିବେ ବୋଲି ନନ୍ଦପୁର ତହସିଲଦାର ଗାଦବା କହିଛନ୍ତି।

# ବିପଦସଙ୍କୁଳ ବିଦ୍ୟୁତ୍ ତାର ତଳେ ଘର କରିଥିବା ଲୋକଙ୍କ ସର୍ଭେ ହେବ

ଜୟପୁର, ୨୬।୭ (ପବନ ପାଣିଗ୍ରାହୀ)

ଜୟପୁର ସହରରେ ବିପଦସଙ୍କୁଳ ବିଦ୍ୟୁତ୍ ତାର ତଳେ ଘର କରି ରହୁଥିବା ଲୋକଙ୍କଘର ସର୍ଭେ କରାଯାଇ ଚିହ୍ନଟ କରାଯିବ। ଏନେଇ ବୁଧବାର ଉପ ଜିଲାପାଳ ବେଦବର ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏକ ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ ପୌରନିର୍ବାହୀ ଅଧିକାରୀ ସିଦ୍ଧାର୍ଥପଟ୍ଟନାୟକ ଓ ଓପିଟିସିଏଲ୍‌ର ଅଅଧିକାରୀମାନେ ଉପସ୍ଥିତ ଥିଲେ। ଜୟପୁର ସହର ଗ୍ଲୋକାଲ ମେଡିକାଲ ଅଞ୍ଚଳ, ଗୋଡିଆ ଧୋବା ସାହି ବାଇପାସ ରୋଡ, ଜୟନଗର, ପାୱାର ହାଉସ ଅଞ୍ଚଳ ଦେଇ ୧୩୨ କେଭି ଓ ୨୨୦ କେଭି ବିଦ୍ୟୁତ୍ ତାର ଯାଇଛି।

# ଶହୀଦ ଯବାନଙ୍କ ବୀରତ୍ୱକୁ ସଲାମ କଲେ ଛାତ୍ରୀଛାତ୍ର

## ସରକାରୀ ମହାବିଦ୍ୟାଳୟରେ କାର୍‌ଗିଲ ବିଜୟ ଦିବସ

କୋରାପୁଟ,୨୬।୭(ଅମିତାଭ ବେହେରା)

କୋରାପୁଟ ସରକାରୀ ମହାବିଦ୍ୟାଳୟ ଠାରେ ବୁଧବାର କାର୍‌ଗିଲ ବିଜୟ ଦିବସ ପାଳିତ ହୋଇଯାଇଛି। ଏଥିରେ ଯୋଗଦେଇଥିବା ଛାତ୍ରୀଛାତ୍ର ଓ ଅଧ୍ୟାପିକା ଅଧ୍ୟାପକମାନେ ଯବାନମାନଙ୍କ ବୀରତ୍ୱକୁ ସଲାମ ଜଣାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଦୀପକ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଡ. ପ୍ରୀତିଧାରା ସାମଲ ଯୋଗଦେଇ ପ୍ରଥମେ ସ୍ୱାଗତ ସୂଚନା ଦେଇଥିଲେ। ସହକାରୀ ପ୍ରଫେସର ଡ. ଲୋପାମୁଦ୍ରା ସ୍ୱାଇଁ



ଅତିଥିମାନେ ଶପଥ ଗ୍ରହଣ କରୁଛନ୍ତି।

,ଡ.ସୁଶିଲ ଗଡନାୟକ ପ୍ରମୁଖ ଯୋଗଦେଇ କାର୍ଗିଲ ଶହୀଦଙ୍କୁ ସଲାମ କରିବା ସହ ଏହି ଦିବସର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଦେଶର ସୁରକ୍ଷା ନେଇ ଉପସ୍ଥିତଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଶପଥ ନେଇଥିଲେ। କାର୍ଯ୍ୟକ୍ରମ ପରେ ମହାବିଦ୍ୟାଳୟରେ ଚାରାରୋପଣ କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଏନଏସ୍‌ଏସ୍‌ର ଛାତ୍ରୀଛାତ୍ର ଓ ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଲେଫ୍ଟନାଣ୍ଟ ରାଜିନ୍ଦ୍ର ବଗିହା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଡ. ମନୋରଞ୍ଜନ ନାୟକ ଧନ୍ୟବାଦ ଦେଇଥିଲେ।

# ବନଖଣ୍ଡ ଠିକା କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ଜୟପୁର, ୨୬।୭(ପବନ ପାଣିଗ୍ରାହୀ)

- କାର୍ଯ୍ୟାଳୟକୁ ଯାଇ ଡିଏଫଓ, ଏସିଏଫ୍ କାହାକୁ ପାଇଲେନି
- ୪ସୁଦ୍ଧା ଦାବି ପୂରଣ ନ ହେଲେ ସପରିବାର ଧାରଣା
- ଇପିଏଫ୍, ଇଏସ୍‌ଆଇ ଜମା ସଂକ୍ରାନ୍ତରେ ସ୍ପଷ୍ଟ କରନ୍ତୁ: ସଭାପତି

ଜୟପୁର ବନଖଣ୍ଡ ଅଧୀନରେ କାର୍ଯ୍ୟ କରୁଥିବା ଠିକା କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଗତ ୨୧ରେ ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉକରି ଡିଏଫ୍‌ଓଙ୍କ ଅନୁପସ୍ଥିତିରେ ଏସିଏଫ୍ ସୁବାସ ଚନ୍ଦ୍ର ଖୁଣ୍ଟିଆଙ୍କୁ ଦାବିପତ୍ର ଦେଇ ସେମାନଙ୍କ ଦାବି ପୂରଣ ନେଇ ୩ ଦିନ ସମୟ ଦେଇଥିଲେ। ବୁଧବାର ଠିକା କର୍ମଚାରୀମାନେ ଡିଏଫ୍‌ଓଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଏସିଏଫ୍‌ଙ୍କ ସାକ୍ଷାତ ପାଇ ନ ଥିଲେ। ଦିନ ତମାମ କର୍ମଚାରୀମାନେ ବର୍ଷାରେ ଅପେକ୍ଷା କରିଥିଲେ। କୌଣସି ଅଧିକାରୀ ନ ଆସିବାରୁ ଗୁରୁବାରଠାରୁ ଦାବି ପୂରଣ ନ ହେବା ଯାଏ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିବେ ବୋଲି ନିଷ୍ପତ୍ତି ନେଇଥିଲେ। ଆସନ୍ତା ୪ ତାରିଖ ସୁଦ୍ଧା ଦାବପୂରଣ ନ ହେଲେ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ସହ ଧାରଣାରେ ବସିବାକୁ ଠିକା କର୍ମଚାରୀମାନେ ଚେତାବନୀ ଦେଇଛନ୍ତି। ଜୟପୁର ବନଖଣ୍ଡର କୁନ୍ଦୁରା, ବୈପାରିଗୁଡା, ବୋରିଗୁମ୍ମା, କୋଟପାଡ଼, ଗୁପ୍ତେଶ୍ୱର ଓ ଜୟପୁର ରେଞ୍ଜରେ କାର୍ଯ୍ୟରତ ୧୩୦ ଅସ୍ଥାୟୀ କର୍ମଚାରୀ ଉପସ୍ଥିତ ଥିଲେ। ସେମାନଙ୍କ ଇପିଏଫ୍ ଠିକ୍ ସମୟରେ ଜମା ହେଉନାହିଁ ଇଏସ୍‌ଆଇ କଟୁଛି ମାତ୍ର ଆବଶ୍ୟକ ବେଳେ କାର୍ଯ୍ୟରେ ଲାଗୁ ନାହିଁ। ଦରମା କେତେ ଟଙ୍କା ମିଳୁଛି ତାହା ଠିକ୍‌ରେ ଜଣାପଡୁ ନାହିଁ। ଅସ୍ଥାୟୀ କର୍ମଚାରୀ କେତେ ଘଣ୍ଟା କାର୍ଯ୍ୟ କରିବେ ତାହା ସ୍ପଷ୍ଟ କରାଯାଉ ନାହିଁ। ପରିଚୟ ପତ୍ର ମିଳୁ ନ ଥିବାରୁ ମାଓବାଦୀ ଉପଦ୍ରୁତ ଅଞ୍ଚଳରେ କାର୍ଯ୍ୟ କରିବା ସମୟରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଠିକା କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଦୀର୍ଘ ୪ ମାସ ହେବ ସେମାନେ ଦରମା ପାଇନାହାନ୍ତି, ଦରମା କେବେ ମିଳିବ ସ୍ପଷ୍ଟ କରିବା ସହ ଇପିଏଫ୍, ଇଏସ୍‌ଆଇ ବାବଦ ଜମା ସଂକ୍ରାନ୍ତରେ ଡିଏଫ୍‌ଓ ସ୍ପଷ୍ଟ କରନ୍ତୁ ବୋଲି ସଂଘ ସଭାପତି ଯୋଗୀନାଥ ଖେମୁଣ୍ଡୁ, ଉପସଭାପତି କେଶବ ନାୟକ ଦାବି କରିଛନ୍ତି।

# ଅମଲା ଭବନ ତାଲା ଭାଙ୍ଗିବ ନୂତନ ସ୍ଥାୟୀ କମିଟି

## ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ପୁରୁଣା କମିଟି କର୍ମକର୍ତ୍ତା

ଜୟପୁର,୨୬।୭ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଓଡ଼ିଶା ଅମଲା ସଂଘର ପୁରାତନ କମିଟିର କାର୍ଯ୍ୟକାଳ ୨୦୧୮ ଡିସେମ୍ବର ମାସରେ ସରି ଯାଇଛି। ମାତ୍ର ପୁରାତନ କମିଟିର କର୍ମକର୍ତ୍ତା ଏ ଯାଏ ନୂତନ କମିଟିକୁ ଦାୟିତ୍ୱ ହସ୍ତାନ୍ତର କରି ନାହାନ୍ତି। ରାଜ୍ୟ ଓଡ଼ିଶା ଅମଲା ସଂଘ ପ୍ରଥମେ ଏକ ଅସ୍ଥାୟୀ କମିଟି ଗଠନ କରି ପୂର୍ବତନ ସଭାପତି ଓ ସମ୍ପାଦକଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଥଚ ବିଭିନ୍ନ ଆଳ ଦେଖାଇ ପୂର୍ବତନ ସଭାପତି ଓ ସମ୍ପାଦକ ଉକ୍ତ କମିଟିକୁ ଦାୟିତ୍ୱ ହସ୍ତାନ୍ତର କରି ନ ଥିଲେ। ପରବର୍ତ୍ତୀ ସମୟରେ ଉଚ୍ଚ ନ୍ୟାୟାଳୟରେ ମାମଲା ରୁଜୁ ହୋଇଥିଲା। ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ ତା ୫।୨।୨୦୨୩ରେ ରାଜ୍ୟ ଓଡିଶା ଅମଲା ସଂଘ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ନିର୍ବାଚନ ଅଧିକାରୀଙ୍କ ଘୋଷଣା ଓ ଓଡ଼ିଶା ଅମଲା ସଂଘର ରାଜ୍ୟ ସାଧାରଣ ସମ୍ପାଦକଙ୍କ ଅନୁମୋଦନରେ ଓଡିଶା ଅମଲା ସଂଘ କୋରାପୁଟ ଜିଲା ଶାଖାର ନୂତନ କମିଟି ଗଠନ କରାଯାଇଥିଲା। ଏଥି ଏହାପୂର୍ବରୁ ଓଡ଼ିଶା ଅମଲା ସଂଘର ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲେ ହେଁ ଏଥିରେ କୋରାପୁଟ ଜିଲା ଅମଲା ସଂଘର ପୁରୁଣା କମିଟି ଅସହଯୋଗ କରିଥିଲା। ପୁରୁଣା କମିଟି ସଭାପତି ଓ ସମ୍ପାଦକ ସଂଘ ବିରୋଧୀ କାର୍ଯ୍ୟ କରିଥିବାରୁ ତାଙ୍କୁ ରାଜ୍ୟ ଓଡ଼ିଶା ଅମଲା ସଂଘ ପ୍ରାଥମିକ ସଦସ୍ୟ ପଦରୁ ବହିଷ୍କାର କରିଛନ୍ତି। ବାରମ୍ବାର ରାଜ୍ୟ ସଂଘ ଓ ଜିଲା ସଂଘ ନିର୍ଦ୍ଦେଶ ସତ୍ତ୍ୱେ ସେମାନେ ଦାୟିତ୍ୱ ହସ୍ତାନ୍ତର କରୁ ନଥିବାରୁ ଗଠିତ ନୂତନ କମିଟି ପକ୍ଷରୁ ଆସନ୍ତା ୩୦।୭।୨୩, ପୂର୍ବାହ୍ନ ସାଢେ ୧୧ରେ ଅମଲା ଭବନ ତାଲା ଭାଙ୍ଗିବ ବୋଲି କର୍ମକର୍ତ୍ତାମାନେ କହିଛନ୍ତି। ଏ ସମ୍ପର୍କରେ ରାଜ୍ୟ ଓଡ଼ିଶା ଅମଲା ସଂଘ, କୋରାପୁଟ ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କୁ ନୂତନ କମିଟି କର୍ମକର୍ତ୍ତାମାନେ ଅବଗତ କରାଇଛନ୍ତି।

# ବିପଦସଙ୍କୁଳ ରାସ୍ତା ଉପରେ ନିର୍ଭର କରୁଛନ୍ତି ୩ ସାହିବାସିନ୍ଦା

ପଟ୍ଟାଙ୍ଗି,୨୬।୭(ଶରତ ଧଳ)

ରାସ୍ତାଘାଟର ପୁନରୁଦ୍ଧାର ପାଇଁ ସରକାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ମାତ୍ର ବ୍ଲକ ପ୍ରଶାସନ କିଛି ହାତ ଗଣତି ଠିକାଦାରଙ୍କ ମାଧ୍ୟମରେ ପରିଚାଳିତ ହୋଇ ଲୋକଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ଦିଗହରା କରୁଛି। କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୩୦୦ ମିଟର ଦୂରତାରେ ଥିବା ବସଷ୍ଟାଣ୍ଡ ନିକଟରୁ ବଡଗାଁ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା କ୍ଷେତ୍ରରେ ଏପରି ଦେଖିବାକୁ ମିଳିଛି। ଏହି ରାସ୍ତା ଉପରେ ବଡଗାଁ, ଟିକିରାସାହି, ଉପରସାହି ବାସିନ୍ଦା ନିର୍ଭର କରନ୍ତି। ମାତ୍ର ଏବେ ଏହି ରାସ୍ତା ବିପଦ ସଙ୍କୁଳ ଅବସ୍ଥାରେ ପହଞ୍ଚିଥିଲେ ମଧ ଏଥିପ୍ରତି ଦୃଷ୍ଟି ଜନପ୍ରତିନିଧିମାନଙ୍କ ଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ କେହି ସମସ୍ୟା ସମାଧାନ ଦିଗରେ କେହି ଆଗ୍ରହ ପ୍ରକାଶ କରୁନାହାନ୍ତି। ଅନ୍ୟପକ୍ଷରେ ଏହି ରାସ୍ତାର କିଛି ଅଂଶ (୧୩୦ ମିଟର) ରାସ୍ତା ନିର୍ମାଣ ପାଇଁ ୨୦୧୭/୧୮ରେ ବିଜୁ କେବିକେ ଯୋଜନାରେ ୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ଏହାର ରେକର୍ଡ ନଂ.


ଶୋଚନୀୟ ହୋଇପଡିଥିବା ରାସ୍ତା।

୨୪/୧୭। ୭ ବର୍ଷ ବିତି ଯାଇଥିଲେ ମଧ ଉକ୍ତ ୧୩୦ ମିଟର ରାସ୍ତା ନିର୍ମାଣ ଏଯାଏ ହୋଇପାରିନି। ଇତି ମଧ୍ୟରେ ୮ ଜଣ ବିଡ଼ିଓ ବ୍ଲକରୁ ଅନ୍ୟତ୍ର ବଦଳିହୋଇ ଚାଲିଗଲେଣି। ତଥାପି ରାସ୍ତାର ଅବସ୍ଥା ସୁଧୁରିନି। ଏ ଦିଗରେ ବ୍ଲକ ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ କହିଛନ୍ତି। ବ୍ଲକ ସଦର ମହକୁମା ରାସ୍ତାର ଯଦି ଏପରି ଅବସ୍ଥା ତେବେ ଗ୍ରାମାଞ୍ଚଳ ରାସ୍ତା ଗୁଡିକର ଅବସ୍ଥା କିପରି ରହିଥିବ ତାହା ସହଜରେ ଅନୁମେୟ। ଏନେଇ ବର୍ତ୍ତମାନ ବିଡ଼ିଓଙ୍କ ଦାୟିତ୍ୱରେ ଥିବା ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆଙ୍କୁ ପଚାରିବାରୁ ଉକ୍ତ ସମସ୍ୟା କିପରି ସମାଧାନ ହୋଇପାରିବ ସେଥିପ୍ରତି ମୁଁ ଦୃଷ୍ଟି ଦେବି ବୋଲି କହିଥିଲେ।

## ଜୟପୁରରେ ନୂଆ ବିଇଓଙ୍କ ଦାୟିତ୍ୱ ଗ୍ରହଣ

ଜୟପୁର, (ପବନ ପାଣିଗ୍ରାହୀ):ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଭାବେ ଚନ୍ଦନ କୁମାର ନାୟକ ବୁଧବାର ଯୋଗ ଦେଇଛନ୍ତି। ସେ ପ୍ରଥମେ ସଂସ୍କୃତ ଶିକ୍ଷକ ଭାବେ ବୋରିଗୁମ୍ମାସ୍ଥିତ ତାରାଭଟା ଆଦର୍ଶ ବିଦ୍ୟାଳୟରେ ତାଙ୍କର ଚାକିରି ଆରମ୍ଭ କରିଥିଲେ। ସେଠାରୁ ସେ ଓଡ଼ିଶା ଶିକ୍ଷା ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ ଚୟନ ହୋଇଥିଲେ। ଦୀର୍ଘଦିନ ହେଲା ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦବୀ ଖାଲି ପଡିଥିଲା। ଦାୟିତ୍ୱ ଗ୍ରହଣ ସମୟରେ କାର୍ଯ୍ୟାଳୟର କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଥିଲେ।

## ସଂକ୍ଷେପରେ

### ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ



ତେନ୍ତୁଳିଖୁଣ୍ଟି,୨୬।୭ (ଚିଦାନନ୍ଦ ସାହୁ ): ତେନ୍ତୁଳିଖୁଣ୍ଟି ବ୍ଲକ୍ ପୂଜାରୀଗୁଡା ଛକଠାରେ ଥିବା ଏକ କମ୍ପ୍ୟୁଟର ଦୋକାନରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି । ଅଗ୍ନିଶମ କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ। ଶର୍ଟ ସର୍କିଟ ଯୋଗୁ ଦୋକାନରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ମଙ୍ଗଳବାର ରାତିରେ ଦାନୀଗୁଡା ଗ୍ରାମର ନରସିଂହ ଗୌଡ଼ (ଲୁଦୁ)ଙ୍କ କମ୍ପ୍ୟୁଟର ଦୋକାନରେ ନିଆଁ ଲାଗିଥିବା ଅନୁମାନ କରାଯାଉଛି। ରାସ୍ତା ପାର୍ଶ୍ୱରେ ଥିବା ଏହି ଦୋକାନରୁ ଧୂଆଁ ବାହାରୁଥିବା ବୁଧବାର ସକାଳୁ କେତେଜଣ ଲୋକ ଦେଖି ସମ୍ପୃକ୍ତ ଦୋକାନୀ ଓ ଅଗ୍ନିଶମ ବହିନୀକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ଆସି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡ ଯୋଗୁ ଦୋକାନରେ ବଡ଼ ଜେରକ୍ସ ମେଶିନ, ସାନ ଜେରକ୍ସ ମେଶିନ, ୩ଟି ପ୍ରିଣ୍ଟର, ୨ଟି ଲାପ୍‌ଟପ୍, ସିସି କ୍ୟାମେରାର ସେଟ୍, ଇନ୍‌ଭର୍ଟର ଓ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡି ଯାଇଥିବା ଦୋକାନୀ କହିଛନ୍ତି। ବେକାର ଥିବାରୁ ରୋଜଗାର ପାଇଁ ଋଣକରି ସେ ଦୋକାନ କରିଥିଲେ। ଏତେ ବଡ଼ କ୍ଷତି ଯୋଗୁ ସେ ଭାଙ୍ଗି ପଡ଼ିଛନ୍ତି। ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଯୋଗାଇଦେବାକୁ ଦାବି ହେଉଛି।

### ବଜରଙ୍ଗ ଦଳ ପକ୍ଷରୁ ଆହତ ବଳଦ ଉଦ୍ଧାର

ଚନ୍ଦାହାଣ୍ଡି, ୨୬।୭ (ଦିଲୀପ ଦାସ ): ଚନ୍ଦାହାଣ୍ଡି ବ୍ଲକ ଝରିଗାଁ-ଚନ୍ଦାହାଣ୍ଡି ଜଙ୍ଗଲ ରାସ୍ତାରେ ଜଗଦଲପୁରରୁ ଦେଭୋଗ ଅଭିମୁଖେ ଆସୁଥିବା ବସ୍ ହଠାତ୍ ଏକ ବଳଦକୁ ଧକ୍କାଦେଇ ଚାଲିଯାଇଥିଲା । ପାନାବେଡ଼ା ବଜରଙ୍ଗ ଦଳର ଧର୍ମପ୍ରଚାର ପ୍ରମୁଖ ହୃଷୀକେଶ ନାୟକ, ଲୋକେଶ ସମରଥ, ଶ୍ରୀମନ୍ତ ରଥ, ଲଳିତ ପଟେଲ, ଗୁଡୁ ପୂଜାରୀ, ବୁଲୁ ମାଝି, ତୁଳସୀ ପଟେଲ, ମଞ୍ଜୁନାଥ ମାଝି ବଳଦକୁ ଉଦ୍ଧାରକରି ଟ୍ରାକ୍ଟର ଯୋଗେ ପ୍ରଥମେ ଚନ୍ଦାହାଣ୍ଡି ପ୍ରାଣୀ ଚିକିତ୍ସାଳୟକୁ ନେଇଥିଲେ। ଦୁର୍ଘଟଣାରେ ବଳଦର ଗୋଟିଏ ଶିଙ୍ଗ ଭାଙ୍ଗିବା ସହ ଶରୀରରେ ଜୋର ଆଘାତ ଲାଗିଛି । ବଳଦଟି ଚନ୍ଦାହାଣ୍ଡି ବ୍ଲକସ୍ଥିତ ଫଟକି ଗ୍ରାମର ଦେବରାମ ସିନ୍ଦୂରଙ୍କର ବୋଲି ଜଣାପଡିଛି। ମାଲିକ ଜଣକ ଚିକିତ୍ସା ପାଇଁ ସହଯୋଗ ମାଗିବାରୁ ପାନାବେଡ଼ା ବଜରଙ୍ଗ ଦଳର ସଦସ୍ୟ ଛତିଶଗଡ଼ ଦେଭୋଗ ଯାଇ ସେଠାକାର ବଜରଙ୍ଗ ଦଳ ସଦସ୍ୟ ଗୌରୀ ଶଙ୍କର କଶ୍ୟପ, ସୁବାସ ଦୋରା ପ୍ରମୁଖ ଗୁପ୍ତା ବସ୍‌ର ଡ୍ରାଇଭର, କଣ୍ଡକ୍ଟରଙ୍କ ସହ ଆଲୋଚନା କରି ବଳଦର ଚିକିତ୍ସା ଦାୟିତ୍ୱ ନେବାକୁ ନିଷ୍ପତ୍ତି ନେଇଥିଲେ । ବଜରଙ୍ଗ ଦଳର ଏଭଳି ମହତ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

# କାଦୁଅ ରାସ୍ତାରେ ଫସିଲା ୧୦୮ ଆମ୍ବୁଲାନ୍ସ

ଝରିଗାଁ ,୨୬।୭(କିଶୋର ଚନ୍ଦ୍ର ମଣ୍ଡଳ)

ଗ୍ରାମାଞ୍ଚଳରେ ରାସ୍ତା, ସ୍ୱାସ୍ଥ୍ୟସେବା, ଶିକ୍ଷାର ବିକାଶ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ନବରଙ୍ଗପୁର ଜିଲାରେ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଅବହେଳା କିମ୍ବା ଠିକାଦାରଙ୍କ ଅପାରଗତା ଯୋଗୁ ଠିକ୍ ସମୟରେ ରାସ୍ତା ନିର୍ମାଣ ହୋଇପାରୁ ନାହିଁ । ବର୍ଷାଦିନେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ଲୋକେ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ବିଶେଷକରି ସ୍ୱାସ୍ଥ୍ୟସେବା ଯୋଗାଇବା ଏକ ପ୍ରକାର ମୁସ୍କିଲ ହୋଇପଡୁଛି। ଏପରି ଏକ ଦୃଶ୍ୟ ସାମ୍ନାକୁ ଆସିଛି ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ପଞ୍ଚାୟତ ଅନ୍ତର୍ଗତ ସର୍ଗିଗୁଡା-ଟୁଟିଗୁଡା ମଝି ରାସ୍ତାରେ। ଟୁଟିଗୁଡା ଗ୍ରାମର ଜଣେ ଗର୍ଭବତୀ ମହିଳା ମଙ୍ଗଳଦେଈ ଜାନୀ (୨୫) ଙ୍କ ପ୍ରସବ ବେଦନା ଆରମ୍ଭ ହେବାରୁ ଆଶାକର୍ମୀ ରମା ଭତରା ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ । ଆମ୍ବୁଲାନ୍ସଟି ଝରିଗାଁ ମେଡିକାଲରୁ ବାହାରି ଗର୍ଭବତୀଙ୍କ ଗାଁକୁ ଯିବା ସମୟରେ ସର୍ଗିଗୁଡ଼ା -ଟୁଟିଗୁଡ଼ା ମଝି ରାସ୍ତାରେ ଅତ୍ୟଧିକ କାଦୁଅ ଯୋଗୁ ଦୀର୍ଘ ସମୟ ଫସି ରହିଥିଲା । ପରେ ସର୍ଗିଗୁଡା ଗ୍ରାମର କେତେଜଣ ଲୋକଙ୍କୁ ଡାକି ଆମ୍ବୁଲାନ୍ସ ଡ୍ରାଇଭର ଗାଡିଟିକୁ କାଦୁଅରୁ ବାହାର କରିଥିଲେ। ପରେ ସର୍ଗିଗୁଡାରୁ ମଙ୍ଗଳଦେଈଙ୍କୁ ଧରି ଅନ୍ୟ ରାସ୍ତା ଦେଇ ଝରିଗାଁ ମେଡିକାଲକୁ ଫେରିଥିଲା। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ୨୦୦୭ ମସିହାରେ ଏମ୍‌ଜିଏନ୍‌ଆର୍‌ଜିଏସ୍ ଯୋଜନାରେ ମାଟି ପକେଇ ସର୍ଗିଗୁଡାଠାରୁ ଟୁଟିଗୁଡା ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଥିଲା। ୨୦୦୭ ପରେ ପ୍ରଶାସନ ଆଉ ସେ ରାସ୍ତା ଉପରେ ଦୃଷ୍ଟି ଦେଇନାହାନ୍ତି କି ପୁନଃ ନିର୍ମାଣର ଚିନ୍ତା କରିନାହାନ୍ତି। ଫଳରେ ବର୍ଷାରତୁ ଆସିଲେ ଟୁଟିଗୁଡା, ସର୍ଗିଗୁଡା, ମର୍ଦାମାଲଗୁଡା ଓ ଆଖପାଖରେ ଥିବା ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।




କାଦୁଅରେ ଆମ୍ବୁଲାନ୍ସ ଫସି ରହିଥିବା ବେଳେ ଜଣେ ଯୁବକ କାଢ଼ିବାକୁ ଚେଷ୍ଟା କରୁଛନ୍ତି।

# ଘରକୁ ଆସିଲା ଦାଦନ ଶ୍ରମିକଙ୍କ ମୃତଦେହ



ପରିବାର ଲୋକେ ଅଭିଙ୍କ ମୃତଦେହକୁ ଆମ୍ବୁଲାନ୍ସରୁ ଓହ୍ଲାଉଛନ୍ତି।

ଝରିଗାଁ,୨୬।୭(କିଶୋର ଚନ୍ଦ୍ର ମଣ୍ଡଳ)

ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ବୁଧବାର ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଭାଲୁକାନାଡ଼ି ପଞ୍ଚାୟତ ଅନ୍ତର୍ଗତ ସାରିଆପୋଡ଼ା ଗ୍ରାମରେ ପହଞ୍ଚିଛି। ମୃତକ ଜଣକ ହେଲେ ଅଭି ମାଝି (୨୪) । ସେ କର୍ନାଟକର କୋଲାଇ ଜିଲା ଅନ୍ତର୍ଗତ ବାଗିପାଲି ଗ୍ରାମରେ ଏକ କୁକୁଡ଼ାଫାର୍ମରେ କାମ କରୁଥିଲେ। ଗତ ୨୩ ତାରିଖ ରାତିରେ ତାଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବୁଧବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ସାରିଆପୋଡ଼ା ଗ୍ରାମରେ ମୃତଦେହ ପହଞ୍ଚିବା ପରେ ପରିବାର ଲୋକ ଏବଂ ଗ୍ରାମବାସୀ କ୍ଷତିପୂରଣ ଦାବିକରି ଆମ୍ବୁଲାନ୍ସକୁ ପ୍ରାୟ ୨ ଘଣ୍ଟା ଅଟକ ରଖିଥିଲେ। ପରେ ମାଲିକ ୫୦ ହଜାର ଟଙ୍କା ଫୋନ୍ ପେ’ ମାଧ୍ୟମରେ ଗ୍ରାମର ଜଣେ ଲୋକଙ୍କ ନିକଟକୁ ପଠାଇବା ପରେ ଆମ୍ବୁଲାନ୍ସରୁ ମୃତଦେହ ଓହ୍ଲାଇବା ସହ ଶ୍ମଶାନରେ ସତ୍କାର କରାଯାଇଥିଲା। ଘଟଣାରୁ ପ୍ରକାଶ ଯେ, ସାରିଆପୋଡ଼ା ଗ୍ରାମର ୨ ଜଣ ଯୁବକ ଅଭି ଏବଂ କୁଲ ମାଝି (୨୦) ପ୍ରାୟ ୬ ମାସ ପୂର୍ବେ ଚେନ୍ନାଇରେ କାମ କରିବା ପାଇଁ ଯାଇଥିଲେ। ସେଠାରେ କାମ କରିବା ପରେ ପ୍ରାୟ ୨ ମାସ ହେବ କର୍ନାଟକ ବାଗିପାଲି ଗ୍ରାମରେ ଏକ କୁକୁଡ଼ା ଫାର୍ମରେ କାମ କରୁଥିଲେ।

ଗତ ୨୩ ତାରିଖ ରାତିରେ ଖାଦ୍ୟ ଖାଇ ଅଭି ଓ କୁଲଙ୍କ ସହ ଅନ୍ୟମାନେ ଏକ ଅସ୍ଥାୟୀ ଘରେ ଶୋଇଥିଲେ। ୨୪ ତାରିଖ ସକାଳେ ଅଭିଙ୍କ ନାକ ଏବଂ ପାଟିରୁ ଫେଣ ବାହାରିବା ସହ ତାଙ୍କର ମୃତ୍ୟୁ ହୋଇଥିବା ଦେଖି ଅନ୍ୟ କର୍ମଚାରୀମାନେ ମାଲିକଙ୍କୁ ଖବର ଦେଇଥିଲେ। ମାଲିକ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ମାଲିକଙ୍କୁ ହସ୍ତାନ୍ତର କରିଥିଲା। ପରେ ମାଲିକ ଏକ ଆମ୍ବୁଲାନ୍ସ ଯୋଗେ କୁଲଙ୍କୁ ୫ ହଜାର ଟଙ୍କା ସହ ମୃତ ଅଭିଙ୍କୁ ତାଙ୍କ ଗ୍ରାମ ସାରିଆପୋଡ଼ାକୁ ପଠାଇଦେଇଥିଲେ।

# କୁମ୍ଭୀର ଉଦ୍ଧାରକଲେ ଗ୍ରାମବାସୀ



ଗ୍ରାମବାସୀ ଉଦ୍ଧାର କରିଥିବା କୁମ୍ଭୀର।

ଉମରକୋଟ ୨୬।୭ (ସନ୍ତୋଷ ଶତପଥୀ)

ଉମରକୋଟ ବ୍ଲକ ମୂର୍ତ୍ତୁମା ପଞ୍ଚାୟତ ସାନଖଡ଼କା ଗ୍ରାମର ଏକ ମାଛ ଯାଆଁଳା ପୋଖରୀରୁ ଗ୍ରାମବାସୀ ଏକ ଜୀବନ୍ତ କୁମ୍ଭୀର ଉଦ୍ଧାରକରି ବନ ବିଭାଗର ଅଧିକାରୀଙ୍କୁ ହସ୍ତାନ୍ତର କରିଛନ୍ତି। କୁମ୍ଭୀରର ଲମ୍ବ ୪ ଫୁଟ ୯ ଇଞ୍ଚ, ଗୋଲେଇ ୧୦ ଇଞ୍ଚ, ବୟସ ପ୍ରାୟ ୧ରୁ ଦେଢ଼ ବର୍ଷ ଏବଂ ବଉଳା ପ୍ରଜାତିର କୁମ୍ଭୀର ବୋଲି ବନ ବିଭାଗ ସୂଚନା ଦେଇଛି। କୁମ୍ଭୀରକୁ ବନ ବିଭାଗ ଉମରକୋଟ କାର୍ଯ୍ୟାଳୟରେ ରଖାଯାଇଛି। ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, କୌଣସି ଜଳାଶୟରେ ଛଡ଼ାଯିବ ବୋଲି ଉମରକୋଟ ରେଞ୍ଜର ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ସାନଖଡ଼କା ଗ୍ରାମର ଉମେଶ ମାଝିଙ୍କ ମାଛ ଯାଆଁଳା ପୋଖରୀରେରେ ଭାସମାନ ଅବସ୍ଥାରେ କୁମ୍ଭୀର ଥିବା ଜଣେ ଗ୍ରାମବାସୀ ଦେଖି ଅନ୍ୟମାନଙ୍କୁ କହିଥିଲେ। ଗ୍ରାମବାସୀ ଉମରକୋଟ ବନ ବିଭାଗକୁ ଖବର ଦେଇଥିଲେ। ବନ ଅଧିକାରୀଙ୍କ ଉପସ୍ଥିତିରେ ସାନଖଡ଼କା ଗ୍ରାମର ରାମଚନ୍ଦ୍ର ଭତ୍ରା, ପରମନ ଭତ୍ରା, ରତନ ଭତ୍ରା, ଧନୁ କଲାର, ସୋମନାଥ କଲାର, ମୋହନ ଭତ୍ରା, ନର୍ସିଂ ଗାଣ୍ଡା, ମାଟା ଭତ୍ରା, ବନ୍ଧ ଭିତରକୁ ଯାଇ ମାଛ ଜାଲ ସହାୟତାରେ ଜୀବନ୍ତ କୁମ୍ଭୀରକୁ ଧରିଥିଲେ। କିଛି ଦିନ ପୂର୍ବରୁ ଭାସ୍କେଲ ଡ୍ୟାମ୍‌ରେ ଏକ କୁମ୍ଭୀର ଥିବା ନେଇ ଲୋକେ ଆଶଙ୍କା କରୁଥିଲେ ଓ ଖବରକାଗଜରେ ପ୍ରକାଶ ପାଇଥିଲା । ଭସ୍କେଲ ଡ୍ୟାମ୍‌ରୁ ଧାନ କିଆରି ଦେଇ ମାଛ ଯାଆଁଳା ପୋଖରୀକୁ ଆସିଥିବା ନେଇ ଗ୍ରାମବାସୀ ଆଶଙ୍କା କରୁଛନ୍ତି। ଡ୍ୟାମ୍‌ରୁ ବନ୍ଧର ଦୂରତା ପ୍ରାୟ ୧ କିଲୋମିଟର ରହିଛି। ଘଟଣାସ୍ଥଳରେ ବନ ବିଭାଗ ପକ୍ଷରୁ ରେଞ୍ଜର ଅନୁପ ସିଂ ପୂଜାହାରୀ, ଅତିରିକ୍ତ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ,ବନପାଳ ହରିହର ବ୍ରହ୍ମା, ବନରକ୍ଷୀ ବବିତା ନାୟକ, ସସ୍ମିତା ଲେଙ୍କା ଉପସ୍ଥିତ ଥିଲେ। ଗ୍ରାମବାସୀ ଜୀବନକୁ ବାଜି ଲଗାଇ କୁମ୍ଭୀରକୁ ଉଦ୍ଧାରକରି ବନ ବିଭାଗକୁ ହସ୍ତାନ୍ତର କରିଥିଲେ ମଧ ବନପାଳ ଗ୍ରାମବାସୀଙ୍କୁ ଖରାପ ବ୍ୟବହାର କରିଥିବା ସାନଖଡ଼କା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କିଛି ଲୋକ ରେଞ୍ଜରଙ୍କ ନିକଟରେ ଏ ନେଇ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କୁ ଖରାପ ବ୍ୟବହାର କରିଥିବା ଘଟଣାକୁ ବନପାଳ ଖଣ୍ଡନ କରିଛନ୍ତି।

## ବସ୍-ଭ୍ୟାନ୍ ଧକ୍କା ବର୍ତ୍ତିଲେ ଯାତ୍ରୀ

ପାପଡାହାଣ୍ଡି ୨୬।୭ (ସ୍ୱପ୍ନଜିତ ପଟ୍ଟନାୟକ)

ପାପଡାହାଣ୍ଡି ବ୍ଲକ କର୍ପୋରେସନ ଓ ମୃଗ ବିହାର ନିକଟରେ ବୁଧବାର ଜଗା କାଳିଆ ନାମକ ଯାତ୍ରୀବାହୀ ବସ୍‌କୁ ଏକ ଓମିନି ଭ୍ୟାନ ଧକ୍କା ଦେଇଥିଲା। ତେବେ ଏହି ଦୁର୍ଘଟଣାରୁ ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନରେ ଜଗା କାଳିଆ ଯାତ୍ରୀବାହି ବସ୍ ଜୟପୁରରୁ ରାଇଘର କୁନ୍ଦେଇ ଯାଉଥିଲା। ଏହି ସମୟରେ ପାପଡାହାଣ୍ଡି ମୃଗ ବିହାର ନିକଟରେ ଏକ ଓମିନି ଭ୍ୟାନ୍ ବସ୍‌କୁ ଓଭରଟେକ କରିବା ସମୟରେ ପଛପଟେ ଧକ୍କା ଦେଇଥିଲା। ଏହି ସମୟରେ ବସ୍‌ରେ ଥିବା ଯାତ୍ରୀ ଓ ଓମିନି ଭ୍ୟାନରେ ଥିବା ଯାତ୍ରୀ ଅଳ୍ପକେ ଭର୍ତ୍ତି ଯାଇଥିଲେ। ଓମିନି ଭ୍ୟାନ୍ ଡ୍ରାଇଭର ଓ ଯାତ୍ରୀ ଗାଡି ଛାଡି ଚାଲିଯାଇଥିବା ସୂଚନା ମିଳିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରବା ସହି ଉଭୟ ଗାଡିକୁ ଅଟକ ରଖିଛି । ବସ୍‌ରେ ଥିବା ଯାତ୍ରୀ ଅଧା ବାଟରେ ଅଟକି ନିଜ ଗନ୍ତବ୍ୟସ୍ଥଳକୁ ପହଞ୍ଚିବା ପାଇଁ ହଇରାଣ ହୋଇଥିବା ଦେଖିବାକୁ ମିଳିଥିଲା।



# ଶର୍ଟ ସର୍କିଟ୍‌ରୁ ଜଳିଗଲା ଘର



ନିଆଁ ଲାଗି ଜଳିଯାଇଥିବା ଘର।

ନନ୍ଦାହାଣ୍ଡି,୨୬।୭(ପ୍ରତୀପ ଦାସ)

ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ ମେଣ୍ଟ୍ରି ପଞ୍ଚାୟତ ସଦର ମହକୁମାରେ ଶର୍ଟ ସର୍କିଟ୍ ଯୋଗୁ ଏକ ଚାଳଛପର ଘରେ ନିଆଁ ଲାଗି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ତେନ୍ତୁଳିଖୁଣ୍ଟି ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ସେତେବେଳକୁ ସମ୍ପୂର୍ଣ୍ଣ ଘରଟି ପୋଡି ପାଉଁଶ ହୋଇଯାଇଥିଲା। ଘରର ଆସବାପତ୍ର, ଖାଦ୍ୟ ସାମଗ୍ରୀ, ପ୍ରାୟ ୧୫ କୁଇଣ୍ଟାଲ ଧାନ, ୨ କୁଇଣ୍ଟାଲ ଚାଉଳ ସହ ୨୨ ହଜାର ଟଙ୍କା ଓ ସମସ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡ଼ିଯାଇଥିବା ଘର ମାଲିକ ଜୟରାମ ସାହୁ କହିଛନ୍ତି । ବର୍ଷାଦିନେ ଘରପୋଡି ଯାଇଥିବାରୁ ପରିବାର ଲୋକେ କେଉଁଠି ଆଶ୍ରୟ ନେବେ ତାହାକୁ ନେଇ ଚିନ୍ତାରେ ଅଛନ୍ତି । ଜୟରାମଙ୍କ ପରିବାର ଚଳିବା ପାଇଁ କିଛି ଆର୍ଥିକ ସହାୟତା ଏବଂ ଘର ପାଇଁ ଆବାସ ଯୋଜନାରେ ସାମିଲ କରିବା ପାଇଁ ପ୍ରଶାସନକୁ ପରିବାର ଲୋକେ ଅନୁରୋଧ କରିଛନ୍ତି। ବର୍ତ୍ତମାନ ଜରୁରିକାଳୀନ ଭିତ୍ତିରେ ତାଙ୍କ ପରିବାରକୁ ପଲିଥିନ ଯୋଗାଇ ଦିଆଯାଇଛି ଏବଂ ରାଜସ୍ୱ ଅଧୀକ୍ଷକଙ୍କୁ ଯାଞ୍ଚ ରିପୋର୍ଟ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ରିପୋର୍ଟ ମିଳିବା ପରେ ଜିଲା ଅଫିସକୁ ପ୍ରଦାନ କରାଯିବ ଏବଂ ସରକାରୀ ସହାୟତା ଦିଆଯିବ ବୋଲି ନନ୍ଦାହାଣ୍ଡି ତହସିଲଦାର ଡ. ବନମାଳୀ ମେହେର ସୂଚନା ଦେଇଛନ୍ତି ।

# ମାଣ୍ଡିଆ ଟଙ୍କା ହେରଫେର ଅଭିଯୋଗ

## ପଞ୍ଚାୟତ ସମିତି ବୈଠକ

ପାପଡ଼ାହାଣ୍ଡି,୨୬।୭ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ପଞ୍ଚାୟତ ସମିତି ବୈଠକ ବୁଧବାର ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ଦିବାକର ବାଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଡାବୁଗାଁ ବିଧାୟକ ମନୋହର ରନ୍ଧାରି, ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ବ୍ଲକ ଅଧକ୍ଷା ହେମଲତା ମାଝି, ଉପାଧକ୍ଷ ସୁଶାନ୍ତ କୁମାର ବେହେରା, ଜିଲା ପରିଷଦ ସଭ୍ୟ ଯଶବନ୍ତ ନାୟକ, ଜିଲା ପରିଷଦ ସଭ୍ୟା ଲିପିକା ମାଝି ପ୍ରମୁଖ ଯୋଗଦେଇଥିଲେ। ଜିପିଓ ଅକ୍ଷୟ ପଟ୍ଟନାୟକ ବିବରଣୀ ପାଠ କରିଥିଲେ। ପ୍ରାରମ୍ଭରେ ମେଡିକାଲ ଇନ୍‌ଚାର୍ଜ ପ୍ରିୟରଞ୍ଜନ ବାହାଲି ଡାଇରିଆ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଇବା ସହ ସମସ୍ତେ କିପରି ସଚେତନତା ଅବଲମ୍ବନ କରିବେ ପରାମର୍ଶ ଦେଇଥିଲେ। ମିଲେଟ ମିଶନରେ ଆସୁଥିବା ମାଣ୍ଡିଆ ଟଙ୍କା ହେରଫେର ହୋଇଥିବା ବୈଠକରେ ଅଭିଯୋଗ ହୋଇଥିଲା। ପ୍ରକୃତ ଚାଷୀଙ୍କ କାଗଜପତ୍ର ନେଇ ଅନ୍ୟ ଜଣଙ୍କୁ ମାଣ୍ଡିଆ ଟଙ୍କା ପ୍ରଦାନ କରାଯାଉଥିବା କୁହାଯାଇଛି । ଏନ୍‌ଜିଓ ତରଫରୁ ମିଲେଟ ମିଶନ ଚାଲିଥିବା ନେଇ କୃଷି ବିଭାଗ ସ୍ପଷ୍ଟୀକରଣ କରିଛି।

ବୈଠକରେ ୨୩ଟି ପଞ୍ଚାୟତର ସରପଞ୍ଚଙ୍କ ସହ ସମିତି ସଭ୍ୟାସଭ୍ୟା ଉପସ୍ଥିତ ଥିଲେ। ସରପଞ୍ଚଙ୍କ ଅଜଣାତରେ ବ୍ଲକ କାର୍ଯ୍ୟାଳୟରୁ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ ହେଉଥିବା ସରପଞ୍ଚମାନେ ଅଭିଯୋଗ କରିଥିଲେ। ଏହାବ୍ୟତୀତ ପଞ୍ଚାୟତ ପାଣ୍ଠି ପଞ୍ଚାୟତରେ ରଖିବାକୁ ସରପଞ୍ଚମାନେ ନିବେଦନ କରିଥିଲେ। ନୂଆକୋଟରେ ଲୋକେ ଠିକ୍ ଭାବରେ ସ୍ୱାସ୍ଥ୍ୟସେବା ପାଇପାରୁ ନ ଥିବା ଅଭିଯୋଗ ହୋଇଥିଲା। ଗତ ବର୍ଷ ଖରାଦିନରେ କେତେ ଏକର ଜମିରେ ଜଳସେଚନ ହୋଇ ଚାଷ ହୋଇଥିବା ମୋକିଆ ସରପଞ୍ଚ ଜଗତ ଜୀବନ ନାୟକ ପ୍ରଶ୍ନ ଉଠାଇବା ସହ ଏଲ୍‌ଆଇ ପଏଣ୍ଟ କଥା ପଚାରିଥିଲେ। ସେହିପରି ଜିବିପିଆର କମ୍ପାନୀ ତରଫରୁ ଗାଁ ଗହଳିରେ ପାଇପ ବିଚାଇବା ନେଇ ରାସ୍ତା ଖୋଳି ଦେଉଥିବାରୁ ବିଧାୟକ ଉଦ୍‌ବେଗ ପ୍ରକାଶ କରିଥିଲେ । ଚଳିତ ବର୍ଷ ୭୦% ରିହାତିରେ ଏସ୍‌ଏଚ୍‌ଜିମାନଙ୍କୁ ଛତୁ, ଗେଣ୍ଡୁ ଚାଷ କରିବା ଲାଗି ଆସିଥିବା କୃଷି ବିଭାଗ ସୂଚନା ଦେଇଥିଲେ । ତେବେ ମାର୍କେଟ ସୁବିଧା ନ ଥିବାରୁ ଏହି ଚାଷ କିପରି ହେବ ସେ ନେଇ ଆଲୋଚନା ହୋଇଥିଲା । ଏହାବ୍ୟତୀତ ବ୍ଲକର ଅନ୍ୟାନ୍ୟ ବିଭାଗ ବିଷୟରେ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ ।



ବୈଠକରେ ଉପସ୍ଥିତ ଅତିଥି ଓ ବିଭାଗୀୟ ଅଧିକାରୀ।

# ବଢୁଛି ଦୁର୍ଘଟଣା, ଟ୍ରମାକେୟାର ସେଣ୍ଟର ଉପରେ ଗୁରୁତ୍ୱ

## ଜିଲା ସଡ଼କ ସୁରକ୍ଷା କମିଟି ବୈଠକ

ନବରଙ୍ଗପୁର,୨୬।୭(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ସଡକ ସୁରକ୍ଷା କମିଟି ବୈଠକ ବୁଧବାର ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଏସ୍. ସୁଶ୍ରୀ, ଜିଲା ପରିବହନ ଅଧିକାରୀ ଜିତେନ୍ଦ୍ର କୁମାର ଭୋଇଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ସଦସ୍ୟମାନେ ଯୋଗ ଦେଇଥିଲେ। ଜିଲା ପରିବହନ ଅଧିକାରୀ ଭୋଇ ବିବରଣୀ ଉପସ୍ଥାପନ କରିଥିଲେ। ଜିଲାରେ ଦୁର୍ଘଟଣା ବଢୁଥିବା ବେଳେ ଆହତଙ୍କୁ ଚିକିତ୍ସା ପାଇଁ ମୁଖ୍ୟ ଡାକ୍ତରଖାନାରେ ଟ୍ରମାକେୟାର ସେଣ୍ଟର ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥି ଲାଗି ରାଜ୍ୟ ସରକାରଙ୍କୁ ଚିଠି ଲେଖିବେ ବୋଲି ଜିଲାପାଳ ମିଶ୍ର କହିଥିଲେ ।

ଜିଲାର ଅନେକ ରାସ୍ତାରେ ହମ୍ପସ୍ ଥିବାରୁ ଦୁର୍ଘଟଣା ଘଟୁଛି। ଏହାର ପ୍ରତିକାର ପାଇଁ ପଞ୍ଚାୟତିରାଜ ବିଭାଗ, ଗ୍ରାମ୍ୟ ଉନ୍ନୟନ,ପୂର୍ତ୍ତ ଓ ଜାତୀୟ ରାଜପଥ ବିଭାଗ ନିଜନିଜ ରାସ୍ତାର ହମ୍ପସ୍ ଉଠାଇବାକୁ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତେବେ ଏଠି ପ୍ରତି ବିଭାଗୀୟ ଯନ୍ତ୍ରୀମାନେ ଦୃଷ୍ଟି ଦେଉ ନ ଥିବାରୁ ସେମାନଙ୍କ ବିରୋଧରେ କୋଠର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ମିଶ୍ର ଚେତାବନୀ ଦେଇଛନ୍ତି। କେଉଁ ବ୍ଲକ ଅଞ୍ଚଳରେ କେତେ ହମ୍ପସ୍ ଅଛି ଆସନ୍ତା ୧୫ ଦିନ ଭିତରେ ରିପୋର୍ଟ ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆରକ୍ଷୀ ଅଧୀକ୍ଷକ ଏସ୍.ସୁଶ୍ରୀ ସଡକ ସୁରକ୍ଷା ପାଇଁ ପୋଲିସ ଓ ଆରଟିଓର ଦାୟିତ୍ୱ ରହିଛି ବୋଲି କହିଥିଲେ। ପୋଲିସର ଜିଲାସ୍ତରୀୟ ସଡକ ସୁରକ୍ଷା ସେଲ୍ ରହିଛି, ଏଥିଲାଗି ଜଣେ ଡ଼ିଏସ୍‌ପିଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରତି ଥାନା ସହିତ ମିନିଟରିଂ ସହ ପୋଲିସ ଓ ଆରଟିଓର ମିଳିତ ଉଦ୍ୟମରେ ଯାନବାହନ ଯାଞ୍ଚ କରାଯାଉଛି। ତେବେ ଏହାକୁ ଆହୁରି କଡାକଡି କରିବାକୁ ସେ କହିଥିଲେ। ସଦସ୍ୟ ବାଙ୍କ ବିହାରୀ ବିଷୋୟୀ ସହରରେ ଗୋରୁ, ଘୁଷୁରୀ ଓ କୁକୁର ଯୋଗୁ ଦୁର୍ଘଟଣା ଘଟୁଛି। ଏହା ସହିତ ଦଶହରାପଦାରୁ ଜିଲା ମେଡିକାଲ ରାସ୍ତା ସମ୍ପୂର୍ଣ୍ଣ କରିବା, ବିଦ୍ୟୁତ୍‌କରଣ ଓ ବାଇପାସ୍‌ରାସ୍ତା ନିର୍ମାଣ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିପ୍ରତି ପଦକ୍ଷେପ ନିଆଯାଉଥିବା ଜିଲାପାଳ ମିଶ୍ର କହିଥିଲେ। ଗୋରୁ, ଘୁଷୁରୀ ଓ କୁକୁର ପାଇଁ ପୌରପାଳିକା ପଦକ୍ଷେପ ସହ ନବରଙ୍ଗପୁର ଓ ଉମରକୋଟ ରାସ୍ତା ଅବରୋଧ କରିଥିବା ଦୋକାନୀଙ୍କୁ ପୋଲିସ ସହାୟତାରେ ତୁରନ୍ତ ହଟାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ସଡ଼କ ସୁରକ୍ଷା ଲାଗି ଚଳିତ ବର୍ଷର ବଜେଟ ପାଇଁ ଆଲୋଚନା ହୋଇଥିଲା। ସଡକ ସୁରକ୍ଷା ପାଇଁ ବିଭିନ୍ନ ଅନୁଷ୍ଠାନକୁ ସମ୍ପୃକ୍ତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନ୍ୟମାନଙ୍କର ମଧ୍ୟରେ ଏଡିପିଏଚଓ ଡ଼. ସୁକାନ୍ତ ଶତପଥୀ, ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର, ଓଏସ୍‌ଆରଟିସିର ଡିଟିଏମ୍ ଶୁଭମ୍ କର, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ନାୟକ, ସହକାରୀ ଯନ୍ତ୍ରୀ ଗଣେଶ ଚନ୍ଦ୍ର ହେମ୍ବ୍ରମ୍,ଜାତୀୟ ରାଜପଥ ଏସ୍‌ଡିଓ ସୂର୍ଯ୍ୟ ଛତ୍ରିଆ, ସଦସ୍ୟା ପ୍ରଭାତୀ ବିଷୋୟୀ, ପୌରପାଳିକା ଏମ୍ଇ ତପନ କୁମାର ନାୟକ, ଏମ୍‌ଭିଆଇ ବିନୟ କୁମାର ପାଉଲ, ଟିଏସ୍‌ଆଇ ଅବିନାଶ ବଳ ଓ ଶିକ୍ଷା ବିଭାଗର ପ୍ରଭାତ କୁମାର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।




ବୈଠକରେ ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀମାନେ।

## ଯୁବକଙ୍କ ଆତ୍ମହତ୍ୟା

ଗୁଣପୁର,(ପ୍ରଦୀପ କୁମାର ପାଢୀ)- ଗୁଣପୁର ସହର ଶେଖର ନଗରଠାରେ ରହୁଥିବା ଜଣେ ଯୁବକ ପ୍ରମୋଦ କୁମାର ଗୌଡ (୨୩) ବେକରେ ଲୁଗା ଲଗାଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ରାତିରେ ଘରେ କେହି ନ ଥିବା ସମୟରେ ସେ ବେକରେ ଲୁଗା ଦେଇ ଫ୍ୟାନରେ ଝୁଲି ପଡ଼ିଥିଲେ। ପରିବାର ଲୋକେ ଘରକୁ ଆସି ଏପରି ଘଟଣା ଦେଖି ପୋଲିସକୁ ଖବର ଦେଇଥିଲେ। ବୁଧବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ନେଇଥିଲେ। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଯୁବକ ଜଣଙ୍କ କେଉଁ କାରଣରୁ ଆତ୍ମହତ୍ୟା କଲେ ତାହା ଅସ୍ପଷ୍ଟ ରହିଛି।

## ସଂକ୍ଷେପରେ

### କାରଗିଲ୍ ବିଜୟ ଦିବସ



ଗୁଣପୁର,୨୬।୭ (ପ୍ରଦୀପ କୁମାର ପାଢ଼ୀ)- ଗୁଣପୁର ମିନି ଷ୍ଟାଡିୟମ ଠାରେ ବୁଧବାର ଏକ୍ସ ସର୍ଭିସମ୍ୟାନ ଆସୋସିଏଶନ ପକ୍ଷରୁ କାରଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। ଆସୋସିଏଶନର ସଭାପତି ସୁବ୍ରତ କୁମାର ପଣ୍ଡା କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। କାରଗିଲ୍ ବିଜୟ ଦିବସର ସ୍ମୃତିଚାରଣ କରାଯିବା ସହ ଶହୀଦମାନଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନଟ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧରେ ଅବସରପ୍ରାପ୍ତ ସେନା କର୍ମଚାରୀ ମନୋରଞ୍ଜନ ରଥ, ଶରତ କୁମାର ପାଣିଗ୍ରାହୀ, ଗୋପାଳକୃଷ୍ଣ ପାଣିଗ୍ରାହୀ, ଏଲ.ଏନ. ସେନାପତି, ଗୋପାଳ ରଥ, ଚନ୍ଦ୍ର ଭୂଷଣ, ଜୁଗୁଲ ଶବର,ଧନଞ୍ଜୟ ଶବର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଗୁଣପୁରସ୍ଥିତ ଗାୟତ୍ରୀ ଫାର୍ମାସୀ ମହାବିଦ୍ୟାଳୟରେ କାରଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି । ପ୍ରଶାସନିକ ଅଧିକାରୀ ପି.ଭି କୋଟେଶ୍ୱର ରାଓଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଫାର୍ମାସୀ ବିଭାଗର ଅଧକ୍ଷ ଡ. ପ୍ରକାଶ ଚନ୍ଦ୍ର ସେନାପତି, ଉପାଧକ୍ଷ ଡ.କାହ୍ନୁଚରଣ ପାଣିଗ୍ରାହୀ ମଞ୍ଚାସୀନ ଥିଲେ । ଶତ୍ରୁ ଦେଶ ପାକିସ୍ତାନ ସହ ଲଢ଼ି ଜୁଲାଇ ୨୬ ତାରିଖରେ ଆମ ବୀର ଯବାନମାନେ କାର୍ଗିଲରେ ବିଜୟର ତ୍ରିରଙ୍ଗା ଉଡାଇ ଥିଲେ ବୋଲି ଅଧକ୍ଷ ଡ. ସେନାପତି କହିଥିଲେ। ଏହି କାର୍ଯ୍ୟକ୍ରମକୁ ବି.ଚନ୍ଦ୍ରିକା, ଶାଶ୍ୱତି ବେହେରା, ରାଜୀବ ପଣ୍ଡା,ଦେବେନ୍ଦ୍ର ମିଶାଲ ପରିଚାଳନା କରିଥିଲେ ।

### କଲେଜରେ କାର୍‌ଗିଲ ବିଜୟ ଦିବସ

ବିଷମ କଟକ,୨୬।୭ (ବିଭୂତି ଭୂଷଣ ନାୟକ)- ବିଷମକଟକସ୍ଥିତ ମା' ମାର୍କମା ଯୁକ୍ତ ୩ ମହା ବିଦ୍ୟାଳୟରେ ବୁଧବାର ଜାତୀୟ ସେବା ଯୋଜନା ପରିବାର ତରଫରୁ କାର୍‌ଗିଲ ବିଜୟ ଦିବସ ପାଳିତ ହେଇଯାଇଛି । କଲେଜ ଅଧକ୍ଷ ଡ଼. ଅଶ୍ୱିନୀ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଷମକଟକ ଥାନ ଏସଆଇ ପ୍ରସନ୍ନ କୁମାର ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧକ୍ଷ ପଣ୍ଡା କାର୍ଗିଲ ବିଜୟ ଦିବସ ପାଳନର ଉଦ୍ଦେଶ୍ୟ ଓ ତତ୍ ସମ୍ପର୍କିତ ଘଟଣା ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରେଇଥିଲେ। ଯୁଦ୍ଧରେ ଶହୀଦ ହୋଇଥିବା ଯବାନଙ୍କୁ ସ୍ମୃତିଚରଣ କରିବା ନିମନ୍ତେ ଏକ ଟେଲି ଫିଲ୍ମ ସ୍କ୍ରିନ ଭିଡିଓ ମାଧମରେ ପ୍ରଦର୍ଶନ କରାଯାଇଥିଲା।

### ସ୍ୱାଧୀନତା ଦିବସ ପାଳନ ନେଇ ପ୍ରସ୍ତୁତି

ଗୁଣପୁର,୨୬।୭ (ପ୍ରଦୀପ କୁମାର ପାଢ଼ୀ)- ଗୁଣପୁର ଉପଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଗୁଣପୁର ଉପଜିଲାପାଳ ଲଳିତ କୁମାର କହଁରଙ୍କ ଅଧକ୍ଷତା ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନତା ଦିବସ ଦିନ ଭୋର ୪.୩୦ରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ରାମଧୁନ ପ୍ରଚାର, ୫.୩୦ରେ ଗୋଷ୍ଠୀ ଶିକ୍ଷା ତାଲିମ କେନ୍ଦ୍ରରୁ ପ୍ରଭାତଫେରି, ସମସ୍ତ ଅନୁଷ୍ଠାନଗୁଡିକରେ ସକାଳ ୭.୩୦ରେ ଜାତୀୟ ପତାକା ଉତ୍ତୋଳନ କରାଯିବ ଓ ୯.୧୫ ସମୟରେ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଉପଜିଲାପାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ । ମୋଟ ୧୮ଟି ପରେଡ଼ ଦଳ ଅଂଶ ଗ୍ରହଣ କରିବାକୁ ଥିବାବେଳେ ଭାରତୀୟ ରିଜର୍ଭ ଫୋର୍ସ, ଭାମିନି ପରେଡ୍‌ର ସମ୍ପୂର୍ଣ୍ଣ ଦାୟିତ୍ୱ ଗ୍ରହଣ କରିବେ । ଅଗଷ୍ଟ ୮ ଓ ୯ ଦୁଇଦିନ ଧରି ବକ୍ତୃତା, ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଅଗଷ୍ଟ ୧୧, ୧୨ ଓ ୧୩ରେ ମିନି ଷ୍ଟାଡିୟମଠାରେ ପରେଡ୍‌ର ପୂର୍ବଭ୍ୟାସ କରାଯିବାକୁ ସର୍ବସମ୍ମତିକ୍ରମେ ସ୍ଥିର କରାଗଲା। ବୈଠକରେ କମାଣ୍ଡାଣ୍ଟ ଦୀପକ କୁମାର ଦେହୁରୀ, ତହସିଲଦାର ଶରତ ଚନ୍ଦ୍ର ନାୟକ, ନିର୍ବାହୀ ଅଧିକାରୀ ଡ. ସତ୍ୟ ସମ୍ପୂର୍ଣ୍ଣା ରାଉତ, ଡେପୁଟି କଲେକ୍ଟର ମଧୁମିତା ପମେଲା କର, ଗୁଣପୁର ମହାବିଦ୍ୟାଳୟ ଅଧକ୍ଷ ଶଶିଭୂଷଣ ମହାନ୍ତି, ଉପଖଣ୍ଡ ଚିକିତ୍ସା ଅଧିକାରୀ ରମେଶ ଚନ୍ଦ୍ର ସାହୁ, ମହିଳା ମହାବିଦ୍ୟାଳୟ ଅଧକ୍ଷା ସୁଜାତା ଦାସ, ଲ୍ୟୁଟ୍‌ନାଣ୍ଟ ସୁସ୍ମିତା ବାଉରି, ପ୍ରଧାନ ଶିକ୍ଷକ, ସରକାରୀ ଉଚ୍ଚ ବିଦ୍ୟାଳୟ ହେମାନନ୍ଦ ବରିହା, ଖବରଦାତା ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ମଧ୍ୟାହ୍ନଭୋଜନ ଟଙ୍କା, ଚାଉଳ ହଡ଼ପ ଅଭିଯୋଗ

ରାୟଗଡ଼ା,୨୬।୭ (ଆଶିଷ ରଞ୍ଜନ ପଣ୍ଡା)

- ଗ୍ରୀଷ୍ମଛୁଟିର ଫାଇଦା ନେଲେ ଶିକ୍ଷୟିତ୍ରୀ, ଶିକ୍ଷକ
- ୯୫ % ଛାତ୍ରୀଛାତ୍ର ପାଇନାହାନ୍ତି ଚାଉଳ, ଟଙ୍କା
- ଉଚ୍ଚସ୍ତରୀୟ ତଦନ୍ତ ଦାବି

ରାଜ୍ୟରେ ଶିକ୍ଷାର ମାନ ବୃଦ୍ଧି ସହିତ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ସହାୟକ ପାଇଁ ରାଜ୍ୟ ସରକାର ସ୍କୁଲରେ ମଧ୍ୟାହ୍ନଭୋଜନ ମାଧ୍ୟମରେ ପୁଷ୍ଟିକର ଖାଦ୍ୟ ଯୋଗାଇଥାନ୍ତି । ହେଲେ ଛୁଟି ସମୟରେ ସ୍କୁଲରେ କେହି ନ ଥିଲେ ମଧ୍ୟ ମଧ୍ୟାହ୍ନଭୋଜନ ପାଇଁ ଟଙ୍କା ଓ ଚାଉଳ ଆସିଥିବାବେଳେ ରାୟଗଡ଼ା ଜିଲାରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଭାଗବାଣ୍ଟି ଚଳୁକରି ଦେଇଥିବା ଅଭିଯୋଗ ହୋଇଛି । ଶିକ୍ଷା ବିଭାଗ ଭଳି ମଙ୍ଗଳ ବିଭାଗରେ ମଧ୍ୟ ଅନୁରୂପ ଘଟଣା ଘଟିଛି ।

ସୂଚନାଯୋଗ୍ୟ, ଚଳିତ ବର୍ଷ ଏପ୍ରିଲ ପହିଲାରୁ ଅତ୍ୟଧିକ ଗରମ ବଢ଼ିବା କାରଣରୁ ୪ ଦିନ ପୂର୍ବରୁ ରାଜ୍ୟ ସରକାର ସମସ୍ତ ସ୍କୁଲ ଛୁଟି ଘୋଷଣା କରିଥିଲେ । ହେଲେ ଏପ୍ରିଲ ୧୩ ତାରିଖଠାରୁ ଗ୍ରୀଷ୍ମ ଛୁଟି ହୋଇଥିବା ବେଳେ ମଧ୍ୟ ରାଜ୍ୟ ସରକାର ପିଲାଙ୍କ ପାଇଁ ମଧ୍ୟାହ୍ନଭୋଜନ ଚାଉଳ ଓ ଟଙ୍କା ପ୍ରଦାନ କରିଥିଲେ । ତେବେ ଜିଲାରେ ୯୫ % ଛାତ୍ରୀଛାତ୍ର ଏହା ପାଇ ନ ଥିବା ଅଭିଭାବକମାନେ କହିଛନ୍ତି। ସେହି ଚାଉଳ ଓ ଟଙ୍କା ସ୍କୁଲର ଶିକ୍ଷକଶିକ୍ଷୟିତ୍ରୀମାନେ ଲୁଟି ନେଇଥିବା ଅଭିଯୋଗ ହୋଇଛି । କିଛି ପିଲାଙ୍କୁ ଏହା ମିଳିଥିବା ବେଳେ ଜିଲା ସଦର ମହକୁମାଠାରୁ ଆରମ୍ଭ କରି ସମସ୍ତ ୧୧ଟି ବ୍ଲକରେ ଏହି ଦୁର୍ନୀତି ହୋଇଥିବା ଜଣାପଡ଼ିଛି। କାଶୀପୁର, କଲ୍ୟାଣସିଂହପୁର ଓ କୋଲନରା ବ୍ଲକର ବିଭିନ୍ନ ସ୍କୁଲରେ ପିଲାମାନେ ମଧ୍ୟାହ୍ନଭୋଜନ ଚାଉଳ ଓ ଟଙ୍କା ପାଇ ନ ଥିବା ଜଣାପଡ଼ିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଶିକ୍ଷକ ଶିକ୍ଷୟିତ୍ରୀମାନେ ବ୍ୟାଙ୍କରୁ ଏହି ଟଙ୍କା ଉଠାଇବାଥିବା ଜଣାପଡ଼ିଛି। ଜିଲାରେ ଏହି ବାବଦକୁ ପ୍ରାୟ ୧ କୋଟି ଟଙ୍କା ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି ।

ଶିକ୍ଷା ବିଭାଗର ତଥ୍ୟ ଅନୁସାରେ, ଏପ୍ରିଲ ୧୩ରୁ ମେ ୪ ପର୍ଯ୍ୟନ୍ତ ମଧ୍ୟାହ୍ନଭୋଜନ ଚାଉଳ ଓ ଟଙ୍କା ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ରହିଥିବା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବଙ୍କ ଚିଠି ନମ୍ବର ୧୨୬୭୩ରୁ ଜଣାପଡ଼ିଛି । ଜିଲାର ୧ ହଜାର ୮୧୪ ବିଦ୍ୟାଳୟକୁ ୧ କୋଟି ୩୪ ଲକ୍ଷ ୫୭ ହଜାର ୭୦୨ ଟଙ୍କା ମଧ୍ୟାହ୍ନଭୋଜନ ବାବଦକୁ ସରକାରୀ ଅନୁଦାନ ଆସିଥିଲା । ସେଥିମଧ୍ୟରୁ କାଶୀପୁର ବ୍ଲକର ୨୮୭ ବିଦ୍ୟାଳୟକୁ ୨୩ ଲକ୍ଷ ୧୩ ହଜାର ୨୨୦ ଟଙ୍କା, ରାୟଗଡ଼ା ବ୍ଲକ ଓ ସହରର ୨୪୬ ବିଦ୍ୟାଳୟକୁ ୨୦ ଲକ୍ଷ ୨୭ ହଜାର ୫୭୨ ଟଙ୍କା, ବିଷମକଟକ ବ୍ଲକର ୨୦୧ ବିଦ୍ୟାଳୟକୁ ୧୨ ଲକ୍ଷ ୪୬ ହଜାର ୫୧୭ ଟଙ୍କା, ରାମନାଗୁଡ଼ା ବ୍ଲକର ୧୦୬ ବିଦ୍ୟାଳୟକୁ ୭ ଲକ୍ଷ ୩୮ ହଜାର ୩୪୫ ଟଙ୍କା, ଗୁଡାରି ସହର ଏବଂ ବ୍ଲକର ୧୧୯ ବିଦ୍ୟାଳୟକୁ ୬ ଲକ୍ଷ ୯୯ ହଜାର ୮୩୦ ଟଙ୍କା, ଗୁଣପୁର ସହର ଓ ବ୍ଲକର ୧୭୧ ବିଦ୍ୟାଳୟକୁ ୧୨ ଲକ୍ଷ ୨୫ ହଜାର ୭୫୯ ଟଙ୍କା ଅନୁଦାନ ଦିଆଯାଇଥିଲା । ସେହିଭଳି କଲ୍ୟାଣସିଂହପୁର ବ୍ଲକର ୧୬୭ ବିଦ୍ୟାଳୟକୁ ୧୧ ଲକ୍ଷ ୨୮ ହଜାର ୯୪୩ ଟଙ୍କା, ଚନ୍ଦ୍ରପୁର ବ୍ଲକର ୧୦୫ ବିଦ୍ୟାଳୟକୁ ୬ ଲକ୍ଷ ୪୨ ହଜାର ୨୮୭ ଟଙ୍କା, ପଦ୍ମପୁର ବ୍ଲକର ୯୦ ବିଦ୍ୟାଳୟକୁ ୮ ଲକ୍ଷ ୨୬ ହଜାର ୯୭୨ ଟଙ୍କା, କୋଲନରା ବ୍ଲକର ୧୪୮ ବିଦ୍ୟାଳୟକୁ ୧୧ ଲକ୍ଷ ୫୨ ହଜାର ୯୩୬ ଟଙ୍କା ଓ ମୁନିଗୁଡ଼ା ବ୍ଲକର ୧୭୪ ବିଦ୍ୟାଳୟକୁ ୧୪ ଲକ୍ଷ ୫୫ ହଜାର ୩୨୧ ଟଙ୍କା ପ୍ରଦାନ କରାଯାଇଥିଲା । ଅଭିଭାବକଙ୍କ ଉପସ୍ଥିତିରେ ଚାଉଳ ବଣ୍ଟନ ନିର୍ଦ୍ଦେଶ ରହିଥିବା ବେଳେ ତରକାରି ପାଇଁ ଡିବିଟି ମାଧ୍ୟମରେ ଟଙ୍କା ଆକାଉଣ୍ଟକୁ ପ୍ରଦାନ କରିବା ଏବଂ ଏହି କାର୍ଯ୍ୟରେ ସ୍ୱଚ୍ଛତା ରଖିବା ନେଇ ଚିଠିରେ ଉଲ୍ଲେଖ ରହିଥିଲା । ତେବେ ଉଚ୍ଚ ମାଧ୍ୟମିକ ସ୍କୁଲର ୪୬ ହଜାର ୪୫ ଜଣ ଛାତ୍ରୀଛାତ୍ର ଏବଂ ପ୍ରାଥମିକ ସ୍କୁଲର ୮୩ ହଜାର ୨୩୧ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ଅତି ବେଶୀରେ ୨ ପ୍ରତିଶତ ଛାତ୍ରୀଛାତ୍ର ଡିବିଟି ମାଧ୍ୟମରେ ଟଙ୍କା ପାଇଛନ୍ତି । ବଳକା ୯୮% ଟଙ୍କା ଆତ୍ମସାତ୍ ହୋଇଥିବା ଜଣାପଡ଼ିଛି । ପିଲାଙ୍କୁ ଚାଉଳ ପ୍ରଦାନ ନ କରି ରିସାଇକ୍ଲିଂ କରି ବଜାରରେ ବିକ୍ରି ପାଇଁ ଛଡ଼ାଯାଉଛି । ଏହି ଦୁର୍ନୀତିକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅଭିଭାବକମାନେ କହିଛନ୍ତି, ସରକାର ପିଲାଙ୍କ ପାଠପଢ଼ାରେ ଉନ୍ନତି ଆଣିବା ପାଇଁ ଗରିବ ଖଟିଖିଆଙ୍କ ପିଲାଙ୍କୁ ଏହି ସୁବିଧା ପ୍ରଦାନ କରୁଥିବା ବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସବୁ ଆତ୍ମସାତ୍ କରିଦେଉଛନ୍ତି । ଯାହାଦ୍ୱାରା ଶିକ୍ଷାର ଘୋର ଅପମାନ ହେଉଛି । ଏ ନେଇ ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣ ଚନ୍ଦ୍ର ବରିହାଙ୍କୁ ପଚାରିବାରୁ ଜିଲାସ୍ତରରୁ ସବୁ ସ୍କୁଲକୁ ଯାଇଛି ଏବଂ ସ୍କୁଲସ୍ତରରେ ଏହାର କିଭଳି କାର୍ଯ୍ୟକାରୀ କରାଯାଇଛି ସେ ନେଇ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି । ଏହି ଏମ୍‌ଡିଏମ୍ ବ୍ୟବସ୍ଥାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ସାମାଜିକ କର୍ମୀ ବଳରାମ ପଣ୍ଡା କହିଛନ୍ତି । ଜିଲା ଶିକ୍ଷା ବିଭାଗରେ ଜିଲା ଶିକ୍ଷା ଅଧିକାରୀଙ୍କ ଅଗୋଚରରେ ବିଭିନ୍ନ କର୍ମଚାରୀ ନାନା ଦୁର୍ନୀତିରେ ଲିପ୍ତ ରହୁଛନ୍ତି । ତେଣୁ ସେମାନଙ୍କୁ ତୁରନ୍ତ ସେଠାରୁ ବଦଳି କରାଯାଇ ଅନ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦେଲେ ବିଭାଗରେ ସୁଧାର ଆସିପାରିବା ସହ ଗୁଣାତ୍ମକ ଶିକ୍ଷା ଅଭିବୃଦ୍ଧି ଘଟିବ ବୋଲି ବଳରାମ କହିଛନ୍ତି ।

# ୬୬ କେଜି ଗଞ୍ଜେଇ ଜବତ, ୩ ଗିରଫ



ଜବତ ଗଞ୍ଜେଇ ସହ ଗିରଫ ୩ ଅଭିଯୁକ୍ତ ଓ ଅବକାରୀ କର୍ମଚାରୀ ।

ରାୟଗଡ଼ା,୨୬।୭ (ଆଶିଷ ରଞ୍ଜନ ପଣ୍ଡା)

ଅବକାରୀ ବିଭାଗ ଓ ଆର୍‌ପିଏଫ୍ ପୋଲିସ ମିଳିତ ଭାବେ ବୁଧବାର ରାୟଗଡ଼ା ରେଳ ଷ୍ଟେଶନରେ ଚଢ଼ାଉକରି ଚୋରାଚାଲାଣ ହେବାକୁ ଥିବା ୬୬ କେଜି ୩୦୦ ଗ୍ରାମ୍ ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ଅବକାରୀ ବିଭାଗ ୨ଜଣ ବ୍ୟକ୍ତି ଓ ଜଣେ ମହିଳାଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗଜପତି ଜିଲାର ଲକ୍ଷ୍ମୀକାନ୍ତ ନାୟକ ଓ ସ୍ୱୟମ୍ବର ନାୟକ ଏବଂ ମହିଳା ଜଣକ ପଶ୍ଚିମବଙ୍ଗ ରାଜ୍ୟର ମାନୁ ସିହ୍ନା ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ରାୟଗଡ଼ା ଅବକାରୀ ଅଧୀକ୍ଷକ ଅଭିରାମ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଉପ ଅଧୀକ୍ଷକ ଗୁପ୍ତେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଇନ୍‌ସ୍ପେକ୍ଟର ହିତାଂଶୁ ମଲିକ, ସୀମା କିରଣ ବେକ୍ ଏବଂ ଭାରପ୍ରାପ୍ତ ରେଞ୍ଜ ଅଧିକାରୀ ସଞ୍ଜୟ କୁମାର ପ୍ରଧାନ ଟିମ୍ ସହିତ ପାଟ୍ରୋଲିଂ କରୁଥିଲେ । ଏହି ସମୟରେ ରାୟଗଡ଼ା ରେଳ ଷ୍ଟେଶନଠାରେ ଆର୍‌ପିଏଫ୍ ପୋଲିସ ସହିତ ଚେକିଂ କରୁଥିଲା। ଉକ୍ତ ସମୟରେ ରେଳ ଷ୍ଟେସନଠାରେ ଉପସ୍ଥିତ ଲକ୍ଷ୍ମୀକାନ୍ତ, ସ୍ୱୟମ୍ବର ଓ ମାନୁଙ୍କ ଉପରେ ସନ୍ଦେହ ଉପୁଜିବାରୁ ସେମାନଙ୍କ ବ୍ୟାଗ୍ ଯାଞ୍ଚ କରାଯାଇଥିଲା। ବ୍ୟାଗ୍‌ରୁ ଗଞ୍ଜେଇ ମିଳିବାରୁ ଅବକାରୀ ବିଭାଗ ସେମାନଙ୍କୁ ଗିରଫ କରିବା ସହ ଗଞ୍ଜେଇ ଜବତ କରିଥିଲା । ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୭ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଅଧୀକ୍ଷକ ବେହେରା ସୂଚନା ଦେଇଛନ୍ତି ।

# ବଡ଼ଦାଣ୍ଡରେ ଡ୍ରେନ୍ ନିର୍ମାଣ କାର୍ଯ୍ୟକୁ ବିରୋଧ

ଗୁଣପୁର, ୨୬।୭ (ପ୍ରଦୀପ କୁମାର ପାଢ଼ୀ)



ରାୟଗଡା ଜିଲା ଗୁଣପୁର ଜଗନ୍ନାଥ ମନ୍ଦିର ନିକଟରେ ଥିବା ବଡଦାଣ୍ଡରେ ଡ୍ରେନ୍ ନିର୍ମାଣ କାର୍ଯ୍ୟକୁ ଦୃଢ଼ ବିରୋଧ କରାଯାଇଛି। ବଡ଼ଦାଣ୍ଡରେ ଅତିକ୍ରମଣ ହଟା ନ ଯାଇ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କାରାଯାଉ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ରଥଯାତ୍ରା ସମୟରେ ବଡଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୁଏ । ଏହି ବଦାଦାଣ୍ଡ ଏବେ ଅତିକ୍ରମଣ ଲାଗି ସଂକୀର୍ଣ୍ଣ ହେବା ଆଶଙ୍କା ଦେଖାଦେଇଛି । ଚଳିତ ବର୍ଷ ବଡ଼ଦାଣ୍ଡରେ ସରକାରୀ ଟେଣ୍ଡରରେ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି । ବଡ଼ଦାଣ୍ଡର ଅନେକ ଜାଗାକୁ ଅତିକ୍ରମଣ କରାଯାଇଥିବା ପୂର୍ବରୁ ଅନେକ ତହସିଲଦାର ଓ ରାଜସ୍ୱ ନିରୀକ୍ଷକ ପ୍ରକାଶ କରିଥିଲେ । ଏହି ସବୁ କାରଣକୁ ଆଧାର କରି ଚଳିତ ବର୍ଷ ୨ ଥର ହୋଇଥିବା ରଥଯାତ୍ରା ପ୍ରସ୍ତୁତି ବୈଠକରେ ଏକ ଯୁଗ୍ମ ସରକାରୀ ଟିମ୍ ତତ୍ତ୍ୱାବଧାନରେ କାର୍ଯ୍ୟ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା । ହେଲେ ହଠାତ୍ ବଡ଼ଦାଣ୍ଡରେ ଅତିକ୍ରମଣ ହଟା ନ ଯାଇ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାରୁ ବିରୋଧ ପ୍ରକାଶ ପାଇଛି। ବଡ଼ଦାଦାଣ୍ଡର ସରକାରୀ ଜମି ଚିହ୍ନଟ କରାଯାଇ ଓ ଅତିକ୍ରମଣ ହଟାଇ କାର୍ଯ୍ୟ କରାଯାଉ ବୋଲି ରାଜସ୍ୱ ନିରୀକ୍ଷକ, ଅମିନ, ପୌର ପରିଷଦର ଅମିନ ଓ ପୂର୍ତ୍ତ ବିଭାଗ ଅମିନ , ନିରୀକ୍ଷକଙ୍କ ଯୁଗ୍ମ ଟିମ୍ ଦାବି କରିଛନ୍ତି। ଏପରି କରାଗଲେ ଆଗାମୀ ରଥଯାତ୍ରାରେ କୌଣସି ଅସୁବିଧା ହେବ ନାହିଁ ଏବଂ ଭକ୍ତଙ୍କ ସମାଗମରେ ମଧ୍ୟ ସୁପରିଚାଳନା ହୋଇପାରିବ ବୋଲି ମତ ପ୍ରକାଶ ପାଇଛି । ଏ ନେଇ ଗୁଣପୁର ତହସିଲଦାର ଶରତ ଚନ୍ଦ୍ର ନାୟକଙ୍କ ସହ ଯୋଗାଯୋଗ କରାଯିବାରୁ ଗୁରୁବାର ଘଟଣାସ୍ଥଳକୁ ଯାଇ ସ୍ଥିତି ଅନୁଧ୍ୟାନ କରାଯିବ ବୋଲି କହିଥିଲେ ।

# ମଝିଘରିଆଣୀ ମନ୍ଦିର ରୂପାନ୍ତରଣ ନେଇ ଡିପିଆର୍ ସର୍ଭେ ଆରମ୍ଭ

ରାୟଗଡା,୨୬।୭ (ଭାଗ୍ୟଶ୍ରୀ ମିଶ୍ର )

ରାୟଗଡାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିରର ରୂପାନ୍ତରଣ ନିମନ୍ତେ ବୁଧବାରଠାରୁ ଡିପିଆର ସର୍ଭେ ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ମନ୍ଦିରର ୬ ଏକର ୩୦ ଡେସିମିଲି ଜାଗାରେ ସର୍ଭେ କରାଯାଇଛି। ଭୁବନେଶ୍ୱରସ୍ଥିତ ଅଙ୍କିତରାଜ କନସୁଲଟାନ୍ସିର ଏମଡି ଆର୍ଟିଟେକ୍ଟ ଇଞ୍ଜିନିୟର ପ୍ରଦୀପ୍ତ ସ୍ୱାଇଁଙ୍କ ନିର୍ଦ୍ଦେଶରେ ୨ଜଣିଆ ଟିମ୍ ରାୟଗଡାରେ ପହଞ୍ଚିଛନ୍ତି। ଭିତିଭୂମି ରିପୋର୍ଟ ପ୍ରଦାନ ଲାଗି ସେମାନେ ସର୍ଭେ କାର୍ଯ୍ୟ ଆରମ୍ଭ କରିଥିବା ଜଣାପଡିଛି। ମନ୍ଦିରର ଭିତିଭୂମିକୁ ଅନୁଧ୍ୟାନ କରି ଏହି ଟିମ୍ ସର୍ଭେ ରିପୋର୍ଟ ନିଜ କନସୁଲଟାନ୍ସିକୁ ପଠାଇବେ। ବୁଧବାର ମନ୍ଦିରର ରାସ୍ତାଘାଟ,ପାର୍କିଂ,ମନ୍ଦିର ବେଢା ଆଦି ଅଞ୍ଚଳରେ ସର୍ଭେ କରାଯାଇଛି। ଆଗାମୀ ୩/୪ ଦିନ ମଧ୍ୟରେ ମନ୍ଦିରର ୬ ଏକର ୩୦ଡେସିମିଲି ଜାଗାର ସମ୍ପୂର୍ଣ୍ଣ ସର୍ଭେ ହୋଇଯିବ ବୋଲି ସର୍ଭେ ଆସିଷ୍ଟାଣ୍ଟ ବେହେରା ପ୍ରକାଶ କରିଛନ୍ତି ।



ମଝିଘରିଆଣୀ ମନ୍ଦିର ନିକଟରେ ଡିପିଆର ସର୍ଭେ କରାଯାଉଛି।

ତେବେ ମନ୍ଦିରର ୬ ଏକର ୩୦ ଡେସିମିଲି ଜାଗାକୁ ନେଇ ଏକ ଭଲ ଡିପିଆର ରିପୋର୍ଟ ପ୍ରସ୍ତୁତ ହୋଇପାରୁ ନ ଥିବାରୁ ଆର୍ଟିଟେକ୍ଟଙ୍କ ପରାମର୍ଶ କ୍ରମେ ଜିଲା ପ୍ରଶାସନ ପକ୍ଷରୁ ମନ୍ଦିର ଆଖପାଖରେ ଥିବା ସରକାରୀ ଜମିକୁ ନେଇ ଏକ ମାଷ୍ଟରପ୍ଲାନ ଡିପିଆର ରିପୋର୍ଟ ପ୍ରସ୍ତୁତ କରାଯାଇ ପଠାଯିବ ବୋଲି ମନ୍ଦିର ପରିଚାଳନା ଟ୍ରଷ୍ଟି ବୋର୍ଡ ପକ୍ଷରୁ କୁହାଯାଇଛି। ସର୍ଭେ ସମୟରେ ମନ୍ଦିର ଟ୍ରଷ୍ଟର କନିଷ୍ଠ ଯନ୍ତ୍ରୀ ଏମ.ଭେଙ୍କେଟ ରାଓଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ୫-ଟି ସଚିବ ଭି.କେ.ପାଣ୍ଡିଆନ ଜୁନ ୭ରେ ରାୟଗଡା ଜିଲା ଗସ୍ତରେ ଆସିଥିବା ବେଳେ ମା' ମଝିଘରିଆଣୀଙ୍କ ମନ୍ଦିର ପରିଦର୍ଶନ କରି ମନ୍ଦିର ଟ୍ରଷ୍ଟି ଏବଂ ଜିଲାପାଳଙ୍କ ସହ ମନ୍ଦିରର ବିକାଶକୁ ନେଇ ଆଲୋଚନା କରିଥିଲେ ।

# ମୋହନ ନାୟକ ଜିଲା ଯୁବକଂଗ୍ରେସ ସଭାପତି

ରାୟଗଡ଼ା,୨୬।୭ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଯୁବ କଂଗ୍ରେସ ଫଳାଫଳ ଘୋଷଣା ହୋଇଛି । ମୋହନ ନାୟକ ରାୟଗଡ଼ା ଜିଲା ଯୁବ କଂଗ୍ରେସ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ରାୟଗଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ସଭାପତି ଭାବେ ଯୋସେଫ ଖୋସ୍‌ଲା ଏବଂ ଉପସଭାପତି ଭାବେ ମିରାବାଲି ସରପଞ୍ଚ ଅଶୋକ ପୁଆଲା ନିର୍ବାଚିତ ହୋଇଛନ୍ତି। ସେହିଭଳି ଗୁଣପୁର ନିର୍ବାଚନ ମଣ୍ଡଳୀରେ ଜିଲା କଂଗ୍ରେସ ସଭାପତି ବିଜୟ ଗମାଙ୍ଗଙ୍କ ପୁଅ ଅବିନାଶ ଗମାଙ୍ଗ ସଭାପତି ଏବଂ ଭାସ୍କର ଜାଗାରାଙ୍ଗା ଉପସଭାପତି ହୋଇଛନ୍ତି । ବିଷମକଟକ ନିର୍ବାଚନ ମଣ୍ଡଳୀରେ ବଳଦେବ ଶତପଥୀ ଯୁବ କଂଗ୍ରେସ ସଭାପତି ହୋଇଥିବା



ବେଳେ କିନୁ କନ୍ଧପାଣି ଉପସଭାପତି ହୋଇଛନ୍ତି । ପୂର୍ବତନ କୋରାପୁଟ ଲୋକସଭା କ୍ଷେତ୍ର ଯୁବ ସଭାପତି ଭବାନୀ ଶଙ୍କର ଜେନା ଓ ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ପଣ୍ଟୁ ସାହୁ ସମସ୍ତ ନବ ନିର୍ବାଚିତଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ଆଗାମୀ ଦିନରେ ଜିଲାରେ ଯୁବକଙ୍କୁ ଏକତ୍ରିତ କରି ଦଳକୁ ମଜଭୁତ କରିବେ ବୋଲି ମୋହନ କହିଛନ୍ତି । ଏଥିସହ ଏହି ପଦବୀ ହାସଲ ପାଇଁ ଭବାନୀ ଜେନା ସମର୍ଥନ କରିଥିବାରୁ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ମୋହନ ନାୟକ ପିସିସି ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ରାୟଗଡ଼ା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥି ଆପଲସ୍ୱାମୀ କାଡ୍ରାକା ଓ ଅନ୍ୟମାନଙ୍କ ଠାରୁ ଆଶୀର୍ବାଦ ଗ୍ରହଣ କରିଛନ୍ତି ।

# ଭୋଟର ତାଲିକା ସଂଶୋଧନ ନେଇ ସ୍ୱତନ୍ତ୍ର ଅଭିଯାନ

ରାୟଗଡା,୨୬।୭ (ଭାଗ୍ୟ ଶ୍ରୀ ମିଶ୍ର)

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶରେ ଭୋଟର ତାଲିକା ସଂଶୋଧନ ନେଇ ସତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି । ଜିଲାପାଳ ସ୍ୱାଧାଦେବ ସିଂଙ୍କ ତତ୍ତ୍ୱାବଧାନରେ ଏହା ଜୁଲାଇ ୨୧ରୁ ଆରମ୍ଭ ହୋଇଛି। ଆସନ୍ତା ଅଗଷ୍ଟ ୨୧ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ । ଏଥିପାଇଁ ରାୟଗଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରାୟଗଡ଼ା ଓ କାଶୀପୁର ବ୍ଲକ ଏବଂ ରାୟଗଡ଼ା ପୌର ପାଳିକାରେ ବୁଧବାର ୨୯୮ ଜଣ ବୁଥସ୍ତରୀୟ ଅଧିକାରୀ ଓ ସୁପରଭାଇଜରଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି । ଉପଜିଲ୍ଲାପାଳ ଭୀମସେନ ଶବର, ରାୟଗଡ଼ା ବିଡିଓ ଲକ୍ଷ୍ମୀନାରାୟଣ ସାବତ, ଜିପିଇଓ ଗୋପାଳ ପଣ୍ଡା, ସମ୍ବଳ ଶିକ୍ଷକ ନିଳାଞ୍ଚଳ ମିଶ୍ର ପୂର୍ବାହ୍ନରେ ରାୟଗଡ଼ା ବ୍ଲକ ସଦଭାବନା ଗୃହଠାରେ ବୈଠକ କରିଥିଲେ। ଅପରାହ୍ନରେ ରାୟଗଡ଼ା ପୌର ପରିଷଦର ବିଜୁ ପଟ୍ଟନାୟକ ଅଡିଟରିୟମଠାରେ ଉପଜିଲ୍ଲାପାଳ ଶବର, ପୌର ନିର୍ବାହୀ ଅଧିକାରୀ ୟାସିର ବିଲାଲ ଅହମଦ, ନିର୍ବାଚନ ସହକାରୀ ଚନ୍ଦ୍ରଶେଖର ରଥ, ଆର ନିଳକଣ୍ଠ ଓ ନିଳାଞ୍ଚଳ ମିଶ୍ର ପ୍ରମୁଖ ବୁଥସ୍ତରୀୟ ଅଧିକାରୀ ଓ ସୁପରଭାଇଜରଙ୍କୁ ନେଇ ବୈଠକ କରିଥିଲେ। ଘରକୁ ଘର ବୁଲି ଭୋଟର ତାଲିକାରେ ଥିବା ତଥ୍ୟ ତନଖି କରିବା ସହ ଯୋଗ୍ୟ ଭୋଟରଙ୍କୁ ସାମିଲ, ମୃତ ଭୋଟରଙ୍କୁ ବାଦ ଦେବା ଓ ସଂପୂର୍ଣ୍ଣ ସ୍ଥାନାନ୍ତରିତ ଭୋଟରଙ୍କୁ ଚିହ୍ନଟ କରି ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତି କୌଶଳ ଉପରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟରେ ଜନସାଧାରଣ ସହଯୋଗ କରିବାକୁ ଜିଲାପାଳ ସିଂ ରାୟଗଡ଼ା ଜିଲାର ସମସ୍ତ ଭୋଟରଙ୍କୁ ନିବେଦନ କରିଛନ୍ତି ।

# ଜମି ଅଧିଗ୍ରହଣ କ୍ଷତିପୂରଣ ରାଶିକୁ ନେଇ ବିରୋଧ

ମୁନିଗୁଡ଼ା, ୨୬।୭ (ରାଧେଶ୍ୟାମ ଅଗ୍ରୱାଲ)

ରେଳ ବିଭାଗ ପକ୍ଷରୁ ଦୀର୍ଘ ୫ ବର୍ଷ ହେଲା ବିଶାଖାପାଟଣା-ରାୟପୁର ଯାଏଁ ତୃତୀୟ ଲାଇନ ନିର୍ମାଣ କାର୍ଯ୍ୟ ଚାଲିଛି। ତେବେ ମୁନିଗୁଡା ବ୍ଲକ୍ ଯୁମୁରାଗୁଡ଼ା ମୌଜାର ଆଦିବାସୀ ଓ ହରିଜନଙ୍କ ଜମି ରେଳ ଲାଇନ ନିର୍ମାଣ ଅଧିଗ୍ରହଣରେ ଯାଉଛି। ହେଲେ ସେମାନଙ୍କ କ୍ଷତିପୂରଣ ବାବଦରେ ବିଭାଗୀୟ ଅଧିକାରୀ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ମଙ୍ଗଳବାର ଶତାଧିକ ଆଦିବାସୀ ଆସି ବିରୋଧ ପ୍ରଦର୍ଶନ କରିଛନ୍ତି। କେତେଜଣ ଜମି ମାଲିକଙ୍କୁ ଡେସିମିଲି ପିଛା ୧ ଲକ୍ଷ ୪୬ ହଜାର ୬୬୦ ପ୍ରଦାନ କରୁଥିବାବେଳେ ଅନ୍ୟ କେତେଜଣଙ୍କୁ ଡେସିମିଲ ପିଛା ୧ ହଜାର ଟଙ୍କା ଦେଉଥିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ବିରୋଧ କରିଥିଲେ। ଫଳରେ ସେଠାରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ସ୍ଥାନୀୟ ପୋଲିସ ପ୍ରଶାସନ, ତହସିଲଦାରଙ୍କ ସମେତ ଅନେକ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିବାବେଳେ ଜିଲ୍ଲା ଭୂ-ଅର୍ଜନ ଅଧିକାରୀ ପହଞ୍ଚି ଏକ ଆପୋସ ଆଲୋଚନା କରି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ସମସ୍ତ ଜମିମାଲିକଙ୍କୁ ଡେସିମିଲି ପିଛା ୧ ଲକ୍ଷ ୪୬ ହଜାର ୬୬୦ ଟଙ୍କା କ୍ଷତିପୂରଣ ରାଶି ପୈଠ କରାଗଲା ପରେ ଜମି ଦିଆଯିବ ବୋଲି ସ୍ଥାନୀୟ ଅଧିବାସୀ ଭୂ-ଅଧିକାରୀଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

# ନିର୍ବାଚିତ ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ସମ୍ବର୍ଦ୍ଧିତ ହୋଇଥିବା ଯୁବ କଂଗ୍ରେସ ନେତା।

ଗୁଣପୁର,୨୬।୭ (ପ୍ରଦୀପ କୁମାର ପାଢୀ)

ଗୁଣପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ନବନିର୍ବାଚିତ ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କୁ ସ୍ଥାନୀୟ ପୂର୍ତ୍ତବିଭାଗ ବଙ୍ଗଳାଠାରେ ବୁଧବାର ସନ୍ଧ୍ୟାରେ ସମ୍ବର୍ଦ୍ଧନା ଦିଆଯାଇଛି। ଜିଲା ସଭାପତି ବିଜୟକୁମାର ଗମାଙ୍ଗଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବ କଂଗ୍ରେସ ସଭାପତି ଅଭିନାଶ ଗମାଙ୍ଗ, ଜିଲା ଉପସଭାପତି ଭାସ୍କର ଜାଗରେଙ୍ଗା ଏବଂ ଏସସି ସେଲର ଉପସଭାପତି ରୁନା ବାଉରୀଙ୍କୁ ବିଭିନ୍ନ ଅଞ୍ଚଳରୁ କର୍ମକର୍ତ୍ତାମାନେ ଆସି ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧରେ ଜିଲା ପରିଷଦ ସଭ୍ୟ ତାଙ୍ଗୁଡୁ ଶ୍ରୀଧର, ରାମନାଗୁଡା ବ୍ଲକ ସଭାପତି ବାଞ୍ଛାନିଧି ବେହେରା, ରିଷିକେଶ ପାତ୍ର, ନବିନ ଚନ୍ଦ୍ର ନାୟକ ବେହେରା, ସୁଧୀର ଗୁରୁ, ତରଣି ଶତପଥୀ, ରାଜେଶ ଶବରଙ୍କ ସମେତ ଯୁବ କଂଗ୍ରେସର କର୍ମୀଏବଂ ନେତାମାନେ ଉପସ୍ଥିତ ଥିଲେ। ଏମବିଏ ତଥା ମେକାନିକାଲ ଇଞ୍ଜିନିୟର ଅଧ୍ୟୟନରତ ଅଭିନାଶ ଯୁବ କଂଗ୍ରେସର ସଭାପତି ଭାବେ ମଙ୍ଗଳବାର ନିର୍ବାଚିତ ହେବା ପରେ ତାଙ୍କ ନିକଟକୁ ବିଭିନ୍ନ ସ୍ଥାନରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି।

# ଆଦିବାସୀଙ୍କ ଧରତୀ ପୂଜା, ଆମ୍ବ ଟାକୁଆ ପର୍ବ

ଟିକିରି,୨୬।୭(ପ୍ରଫୁଲ୍ଲ କୁମାର ବେହେରା)

ଆଦିବାସୀ ମାନେ ମୁଖ୍ୟତଃ ବାର ମାସରେ ତେର ପର୍ବ ପାଳନ କରନ୍ତି। ସେଥିମଧ୍ୟରୁ ଧରତୀ ପୂଜା ଏବଂ ଆମ୍ବ ଟାକୁଆ ପର୍ବ ଅନ୍ୟତମ। ରାୟଗଡା ଜିଲା କାଶୀପୁର ବ୍ଲକରେ ବସବାସ କରୁଥିବା ପରଜା ବା ଝୋ ସମ୍ପ୍ରଦାୟର ଲୋକେ ଏହି ପର୍ବ ପାଳନ କରିଥାନ୍ତି। ଏହି ପୂଜା ମୁଖ୍ୟତଃ ଗ୍ରାମର ସମସ୍ତେ ଜମିରେ ବିହନ ବୁଣି ସାରିବା ପରେ ବାହୁଡ଼ାଯାତ୍ରା ଗଲେ କରିଥାନ୍ତି। ଏ ବର୍ଷ ଫସଲ କିଭଳି ଭଲ ହେବ, ଜୀବଜନ୍ତୁ ନଷ୍ଟ ନ କରିବେ ଏବଂ ଗ୍ରାମର ସମସ୍ତେ ଯେପରି ରୋଗମୁକ୍ତ ଜୀବନ କଟାଇବେ ସେହି ଉଦ୍ଦେଶ୍ୟରେ ମାଟି ଦେବତାଙ୍କୁ ଅନୁସରଣ କରି ଝାଙ୍କେରକୁ ନେଇଥିବା କୁକୁଡ଼ା, ଘୁଷୁରି ଅଣ୍ଡା, ମାଛ ବଳି ଦେବା ପରେ ସେଠାରେ ଏକ ସିଆଡ଼ି ପତ୍ର ଦନାରେ ଘୁଷୁରି ମାଂସକୁ ନିଆଁରେ ଶିଝାଇ ଏକ ମାଠିଆରେ ଭାତ ରାନ୍ଧି ପ୍ରଥମେ



ଭୋଗ ଅର୍ପଣ କରନ୍ତି। ଏହାକୁ ପରଜା ଭାଷାରେ ଚର ବୋଲି କୁହାଯାଏ। ନେଇଥିବା ଆମ୍ବ ଟାକୁଆକୁ ଏକ ଧାମନ (ବାରେଙ୍ଗ ) କାଠରେ ଚପି ଦୁଇଫାଳ କରି ପୂଜା ସ୍ଥାନରେ ଥିବା ପଥର ଉପରେ ରଖି ସେମାନେ ଭୋଗ ଲଗାଇ ଥାନ୍ତି । ପରେ ଗ୍ରାମରେ ଆମ୍ବ ଟାକୁଆରୁ କୋଇଲି କାଢ଼ି ପିଠା, ଆମ୍ବ ଟାକୁଆ ପେଜ କରି ଖାଇଥାନ୍ତି। ଏହା ପୂର୍ବରୁ ଗ୍ରାମରେ କେହି ମଧ୍ୟ ଟାକୁଆ ଚପି ନ ଥାନ୍ତି। ଏହି ପର୍ବ ପୂର୍ବରୁ ଗ୍ରାମବାସୀ ଗ୍ରାମର ମୁଖିଆ ଭାବରେ ଜାନି, ମୁଦୁଲି, ଚାଲାଣ ବା ଗାଉଁତିଆଙ୍କୁ ବାଛିଥାନ୍ତି। ସେହି ବ୍ୟକ୍ତିମାନେ ଗ୍ରାମର ଭଲମନ୍ଦ, ପୂଜା ବିଧି ଏବଂ ପର୍ବପର୍ବାଣିରେ ଯୋଗଦେଇ ସମସ୍ତ କାର୍ଯ୍ୟ ତୁଲାଇଥାନ୍ତି। ସେମାନଙ୍କ ମଧ୍ୟରେ ଜଣେ ଦିଶାରୀ ରହିଥାନ୍ତି। ସେ ଗ୍ରାମର ଶାନ୍ତି ପାଇଁ ପୂଜାବିଧି, ପର୍ବପର୍ବାଣିର ସମୟ ଏବଂ ଯୋଗ ବାହାର କରିଥାନ୍ତି। ଧରତୀ ପୂଜା ଏବଂ ଆମ୍ବ ଟାକୁଆ ଚପି ପାଇଁ ଜାନି ମୁଦୁଲି ପ୍ରଥମେ ଦିଶାରୀଙ୍କ ପାଖକୁ ଯାଇ ଭଲ ଦିନ ବାର ସମୟ ପଚାରି ଜଣାନ୍ତି। ପରେ ଗ୍ରାମ ଲୋକେ ପୂଜାରେ କଣ ଲାଗିବ ତାହା ସଂଗ୍ରହ କରିଥାନ୍ତି। ଦିଶାରୀ ଯୋଗ ନିର୍ଦ୍ଧାରଣ ପରେ ଝାଙ୍କେରକୁ ଗ୍ରାମର ମୁଖିଆ ଏବଂ ଜାନି ମୁଦୁଲି ଯାଇ ପୂଜା ସ୍ଥାନକୁ ଗାଈ ଗୋବର ଲିପି ଜାଗାକୁ ଶୁଚି କରିଥାନ୍ତି। ପରେ ଝାଙ୍କେର ଦେବୀ, ଗଛ ଦେବତା, ପଥର ଦେବତା, ପାହାଡ଼ ଦେବତା, ଗ୍ରାମ ଦେବୀ, ନିଶାଣୀ ମୁଣ୍ଡା, ମାଟିଦେବତା, ପଶୁପକ୍ଷୀଙ୍କୁ ନାମଧରି ସେଠାରେ ନେଇଥିବା କୁକୁଡ଼ା, ଘୁଷୁରି , ନଦୀ ମାଛ, କୁକୁଡ଼ା ଅଣ୍ଡା ଯାହା ନେଇଥାନ୍ତି ପୂର୍ବ ପୁରୁଷମାନେ ଯେପରି ପୂଜା କରୁଥିଲେ ସେହିପରି କରିଥାନ୍ତି।

**ରୋଗୀ କଲ୍ୟାଣ ସମିତି ପରିଚାଳନା କମିଟି ବୈଠକ**

ପାପଡାହାଣ୍ଡି (ସ୍ୱପ୍ନଜିତ ପଟ୍ଟନାୟକ)-ପାପଡାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମିଳନୀ କକ୍ଷରେ ବୁଧବାର ରୋଗୀ କଲ୍ୟାଣ ସମିତି ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଡା. ପ୍ରିୟରଞ୍ଜନ ବାହାଲିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ସମରେନ୍ଦ୍ର ଭୌମିକ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ରୋଗୀ କଲ୍ୟାଣ ସମିତିର ବିଭିନ୍ନ ବିଷୟରେ ଆଲୋଚନା ସହ ତାହାର ସମାଧାନ କିପରି ହେବ ସେ ନେଇ କୁହାଯାଇଥିଲା।

## ସଂକ୍ଷେପରେ

### ରେଳପଥର ଗତିପଥ ପରିବର୍ତ୍ତନ ଲାଗି ଏମ୍‌ପିଙ୍କ ପ୍ରସ୍ତାବ



ନବରଙ୍ଗପୁର,୨୬।୭(ସଦାଶିବ ପ୍ରହରାଜ)- ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ନବରଙ୍ଗପୁର ଜୁନାଗଡ଼ ପ୍ରସ୍ତାବିତ ରେଳପଥର ଗତିପଥ ପରିବର୍ତ୍ତନ କରିବାକୁ ଏକ ପ୍ରସ୍ତାବ ଦେଇ ଆଲୋଚନା କରିଛନ୍ତି। ଏମ୍‌ପି ମାଝି ଜଣାଇଛନ୍ତି, ଜୁନାଗଡ଼ ଭାୟା ଧର୍ମଗଡ଼ ଦେଇ ଛତିଶଗଡ଼ର ଦେଓଭଗ ହୋଇ ଚନ୍ଦାହାଣ୍ଡି, ଝରିଗାଁ, ଉମରକୋଟ, ଡାବୁଗାଁ, ପାପଡାହାଣ୍ଡି, ନବରଙ୍ଗପୁର ବ୍ଲକକୁ ସଂଯୋଗ କରାଯାଉ। ଏହାଦ୍ୱାରା ଜନସାଧାରଣ ଉପକୃତ ହେବା ସହ ଆର୍ଥିକ କ୍ଷେତ୍ରରେ ଉନ୍ନତି ହୋଇପାରିବ ବୋଲି ଦର୍ଶାଇଛନ୍ତି । ତେବେ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ଏହା ଉପରେ ସମୀକ୍ଷା କରିବେ ବୋଲି କହିଛନ୍ତି ।

### ମନୋଜ ନାୟକ ଜିଲା ଯୁବ କଂଗ୍ରେସ ସଭାପତି ମନୋନୀତ

ମାଲକାନଗିର,୨୬।୭ (ଦୁର୍ଯ୍ୟୋଧନ ପାତ୍ର):- ମାଲକାନଗିରି ଜିଲା ଯୁବ କଂଗ୍ରେସ ସଭାପତି ଭାବେ ମନୋଜ ନାୟକ ମନୋନୀତ ହୋଇଛନ୍ତି। ସେ ପୂର୍ବରୁ କଂଗ୍ରେସର ସାଧାରଣ କର୍ମୀ ଭାବେ ଥିବା ବେଳେ ଛାତ୍ର ଜୀବନରୁ ସେ ଛାତ୍ର କଂଗ୍ରେସ ପାଇଁ କାମ କରି ଆସୁଥିଲେ। କିଛି ମାସ ପୂର୍ବରୁ ରାଜ୍ୟର ଜିଲା କଂଗ୍ରେସର ନିର୍ବାଚନ ହୋଇଥିଲା। ଏଥିରେ କଂଗ୍ରେସର ୨ଜଣ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେଥିରୁ ମନୋଜ ନାୟକ ଓ ଇସାକ୍ ଖୋସ୍‌ଲା। ମନୋଜ ୧୧୧୫ ଭୋଟ ପାଇଥିବା ବେଳେ ଇସାକ୍ ୨୮୧ ଭୋଟ ପାଇଥିଲେ। ବୁଧବାର ଫଳାଫଳ ଘୋଷଣା ହେବା ପରେ ମନୋଜ ୮୩୪ ଭୋଟରେ ବିଜୟୀ ହୋଇଥିଲେ।



ଜିଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ରଙ୍କୁ ସେ ଧନ୍ୟବାଦ ଜଣାଇବା ସହ ଏହି ନିର୍ବାଚନରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, ବିଷ୍ଣୁ ବାକା, ମହେଶ୍ୱର ପଟ୍ଟନାୟକ, କେଶୁ ରାଓ, ଶରତ ବୁରୁଦା, ମଙ୍ଗୁ ଖିଲ, ଅନ୍ତର୍ଯାମୀ ଖିଲ, ସନ୍ତୋଷ ପଟ୍ଟନାୟକ, କେଶବ ପ୍ରଧାନୀ, ସୋମନାଥ ଅର୍ଣ୍ଣ ଓ ଅଶ୍ୱିନ ପଟ୍ଟନାୟକ ପ୍ରମୁଖଙ୍କୁ ଧନ୍ୟବାଦ ଦେଇଛନ୍ତି।

# ହୋଇପାରିନି ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ

## ଜମି ଅଧିଗ୍ରହଣକୁ ୩ ବର୍ଷ ବିତିଲା

- ଜିଲାପାଳଙ୍କ ସହ ଆଲୋଚନାକରି ପଦକ୍ଷେପ ନେବି: ଏମ୍‌ପି
- ବର୍ଷାଦିନ ପରେ ଆରମ୍ଭ ହେବ କାର୍ଯ୍ୟ: ସିଡିଏମ୍‌ଓ

ଚିତ୍ରକୋଣ୍ଡା,୨୬।୭(କ୍ଷୀରୋଦ ବେହେରା)

ଆନ୍ଧ୍ର – ଓଡ଼ିଶା ସୀମାନ୍ତ ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକରେ ରହିଛି ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ। ଉକ୍ତ ଚିକିତ୍ସାଳୟ ଉପରେ ବ୍ଲକର ୧୮ଟି ପଞ୍ଚାୟତର ଲୋକେ ନିର୍ଭର କରନ୍ତି। ୧୯୬୨ରେ ବାଲିମେଳା ମାଟିବନ୍ଧ ଯୋଜନା ଆରମ୍ଭ ପରେ ସେଥିରେ କାମ କରୁଥିବା କର୍ମଚାରୀ ଏବଂ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଲକ୍ଷ୍ୟ ନେଇ କୁ ଗଢ଼ି ଉଠିଥିଲା ୨୦୦୯ରେ ଏହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ଏବଂ ୨୦୧୬-୧୭ରେ ଉପଖଣ୍ଡ ଚିକିତ୍ସାଳୟର ମାନ୍ୟତା ପାଇଥିଲା । ମାତ୍ର ଉପଖଣ୍ଡ ଚିକିତ୍ସାଳୟ ହେବା ପରେ ଏହାର ଯେପରି ଉନ୍ନତି ହେବା କଥା ସେପରି ହୋଇନାହିଁ। ମେଡିକାଲ ଗୃହରୁ ଦୀର୍ଘ ବର୍ଷ ହେଲା ପାଣି ଗଳୁଛି। ଏଥିଯୋଗୁ ରୋଗୀ ସେବାରେ ବାଧା ଉପୁଜୁଛି। ଚିକିତ୍ସାଳୟର



ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ।

ନୂତନ ଗୃହ ନିର୍ମାଣ ଲାଗି ୩ବର୍ଷ ହେଲା କମାରଗୁଡ଼ା ନିକଟରେ ୧୫ ଏକର ଜମି ଚିହ୍ନଟ ହୋଇ ଅଧିଗ୍ରହଣ ହୋଇଥିଲେ ମଧ୍ୟ ଚିକିତ୍ସାଳୟର ୧୦୦ ଶଯ୍ୟା ବିଶିଷ୍ଟ ନୂତନ ଗୃହ ନିର୍ମାଣ ହୋଇପାରିନାହିଁ। ଗୃହ ନିର୍ମାଣ ବିଳମ୍ବ ସମ୍ପର୍କରେ ମାଲକାନଗିରି ସିଡିଏମ୍‌ଓ ପ୍ରଫୁଲ୍ଲ ନନ୍ଦଙ୍କୁ ପଚାରିବାରୁ ସେ କହିଲେ, ଜମି ଅଧିଗ୍ରହଣ ପରେ ଟେଣ୍ଡର ପ୍ରୋସେସ ହୋଇଥିଲା। କ'ଣ ପାଇଁ ଅଟକିଛି ଆମେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବୁ। ବର୍ଷାଦିନ ପରେ ଚିକିତ୍ସାଳୟର ନୂତନ ଗୃହ ନିର୍ମାଣ କାମ ଆରମ୍ଭ ହେବା ନେଇ ବ୍ୟବସ୍ଥା କରାଯିବ ବୋଲି ନନ୍ଦ କହିଥିଲେ। ଏ ସମ୍ପର୍କରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝୀଙ୍କୁ ପଚାରିବାରୁ ସେ କହିଲେ, ଚିକିତ୍ସାଳୟର ନୂତନ ଗୃହ ନିର୍ମାଣ ନେଇ ସେ ସିଡିଏମଓ, ଜିଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନାକରି ଏହାର ନିର୍ମାଣ ଦିଗରେ ପଦକ୍ଷେପ ନେବେ ବୋଲି କହିଥିଲେ।

# ହତ୍ୟା ମାମଲାରେ ଜଡ଼ିତ ମାଓବାଦୀ ଗିରଫ


ଗିରଫ ମାଓବାଦୀ

ମାଲକାନଗିର,୨୬।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ ଏକ ହତ୍ୟା ମାମଲାରେ ଜଡ଼ିତ ଜଣେ ମାଓବାଦୀଙ୍କୁ ଜଗଦଲପୁର ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ କୋରପାଲ ଗ୍ରାମର ଗାଙ୍ଗୁ କୁହରାମୀ । ପ୍ରକାଶ ଯେ, ବର୍ତ୍ତମାନ ଛତିଶଗଡ଼ରେ ଚାଲିଥିବା ମାଓବାଦୀ ଦମନ କାର୍ଯ୍ୟକ୍ରମରେ ଜଗଦଲପୁର ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଦର୍ଭା ଥାନା ଅନ୍ତର୍ଗତ କୋରପାଲ ଗ୍ରାମ ନିକଟ ଜଙ୍ଗଲରେ ସର୍ଚ୍ଚିଂ ଅପରେଶନ କରି ସେଠାରୁ ଗାଙ୍ଗୁଙ୍କୁ ଗିରଫ କରିଥିଲା। ତାଙ୍କ ନିକଟରୁ ଜିଲୋଟିନ ଓ କୋଡେକ୍ସ ତାର, ଜିଲୋଟିନ ଷ୍ଟିକ୍ ଆଦି ଜବତ କରାଯାଇଛି। ସେ ଗତ ୧୨ ବର୍ଷ ଧରି ଏହି ମାଓବାଦୀ ସଂଗଠନର ଜଣେ ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟକରି ଆସୁଥିଲେ। ପୋଲିସ ନିକଟରେ ତାଙ୍କ ନାମରେ ବହୁ ମାମଲା ରହିଛି। ତେବେ ୨୦୧୬ରେ ଗାଙ୍ଗୁଙ୍କ ସହ ଅନ୍ୟ ମାଓବାଦୀମାନେ କାପନାର ଗ୍ରାମର ଭିମା କବାସୀ ଓ ତଡେନାର ଗ୍ରାମର ଜଲନୋ ପଡିଆମୀଙ୍କୁ ପୋଖନାର ଗ୍ରାମ ସାପ୍ତାହିକ ହାଟରେ ହତ୍ୟା କରିଥିଲେ। ଫଳରେ ତାଙ୍କ ନାଁରେ ହତ୍ୟା ସହ ଅନ୍ୟ ବହୁ ଘଟଣାରେ ଜଡିତ ଥିବା ମାମଲା ରୁଜୁ ହୋଇଥିଲା। ବୁଧବାର ଗାଙ୍ଗୁଙ୍କୁ କୋର୍ଟ ଚାଲାଣ କରାଯାଇଛି ।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର


ନିର୍ମାଣ ଶ୍ରମିକଙ୍କୁ ସହାୟତା ପ୍ରଦାନ କରାଯାଉଛି।

ମାଲକାନଗିରି/ମାଥିଲି,୨୬।୭ (ଦୁର୍ଯ୍ୟୋଧନ ପାତ୍ର/ ସୁବାଷ ଖୁଡୁପିଆ)

ଓଡିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଓ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଆନୁକୁଲ୍ୟରେ ବୁଧବାର ମାଥିଲିଠାରେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଆୟୋଜନ କରାଯାଇଥିଲା। ଶିବିରରେ ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନରାଜ କିର୍ସାନୀ, ଖଇରପୁଟ ପଞ୍ଚାୟତ ସମିତି ସଦସ୍ୟ ରଞ୍ଜନ ପାଙ୍ଗି, ମାଥିଲି ବ୍ଲକ ସମିତି ସଭ୍ୟ ବାଲାରାଜୁ କପେ, ସରପଂଚ କାନମ ରାଜୁ ନାୟକ ମଞ୍ଚାସୀନ ଥିଲେ । ବାକା ହିତାଧିକାରୀଙ୍କୁ ବିଭିନ୍ନ ଆର୍ଥିକ ସହାୟତା ବଣ୍ଟନ କରି କହିଥିଲେ, ପ୍ରତି ମାସରେ କ୍ଷେତ୍ର ସ୍ତରରେ ଏହିଭଳି ଶିବିର ଆୟୋଜନ କରିବା ଦ୍ୱାରା ଜିଲାର ଶ୍ରମିକମାନେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ ବିଭିନ୍ନ ସହାୟତା ବିଷୟରେ ସଚେତନ ହୋଇ ପାରିବେ । ଏହି ଅବସରରେ ଜିଲା ଶ୍ରମ ଅଧିକାରୀ ଶରତ ପାଣିଗ୍ରାହୀ ସମସ୍ତଙ୍କୁ ସ୍ୱାଗତ ଜଣାଇ କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକଙ୍କ ନିମନ୍ତେ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଥିବା ବିଭିନ୍ନ ସହାୟତା ସମ୍ପର୍କରେ ଆଲୋକପାତ କରିଥିଲେ। ସେ ଆହୁରି କହିଛନ୍ତି, ବିଗତ ତିନି ମାସରେ ଜିଲାରେ ପ୍ରାୟ ୮ ହଜାର ଶ୍ରମିକଙ୍କ ପଞ୍ଜୀକରଣ କରାଯାଇଛି। ସୂଚନାଯୋଗ୍ୟ, ପ୍ରବଳ ବର୍ଷା ସତ୍ତ୍ୱେ ୩୫୪ ଶ୍ରମିକ ଏହି ଶିବିରରେ ଯୋଗ ଦେଇଥିଲେ । ଶିବିରରେ ମାଥିଲି ଓ ଖଇରପୁଟ ବ୍ଲକର ୧୭ ଜଣଙ୍କୁ ୩୩ ଲକ୍ଷ ଟଙ୍କାର ମୃତ୍ୟୁ କାଳୀନ, ଅନ୍ତେଷ୍ଟି କ୍ରିୟା ନିମନ୍ତେ ୧୭ ଜଣଙ୍କୁ ୮୫ ହଜାର, ୨ ଜଣଙ୍କୁ ବିବାହ ନିମନ୍ତେ ୧ ଲକ୍ଷ, ୪ ଜଣଙ୍କୁ ପ୍ରସୂତି କାଳିନ ସହାୟତା ନିମନ୍ତେ ୪୦ ହଜାର ଏବଂ ୬ ଜଣଙ୍କୁ ଶିକ୍ଷା ବୃତ୍ତି ନିମନ୍ତେ ୪୧ ହଜାର ୮୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ସେହିପରି ୧୬୮ ହିତାଧିକାରୀଙ୍କୁ ଗୃହ ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ ପରିଚୟ ପତ୍ର ପ୍ରଦାନ କରାଯାଇଛି। ଏହି ଶିବିରରେ ସହକାରୀ ଶ୍ରମ ଅଧିକାରୀ, ପୂର୍ଣ୍ଣିମା ଡୁରୁକା ଧନ୍ୟବାଦ ଅର୍ପଣ କରିଥିଲେ।

# କୂଅରେ ପଡ଼ି ଶିଶୁକନ୍ୟା ମୃତ

ରାଇଘର ୨୬।୭ (କିରଣ ପଟ୍ଟନାୟକ )

ରାଇଘର ବ୍ଲକ୍ ନାକଟିସିମଡା ପଞ୍ଚାୟତର ଶୋଭାପାରା ଗ୍ରାମରେ ଏକ ପରିତ୍ୟକ୍ତ କୂଅରେ ପଡ଼ି ୨ବର୍ଷୀୟା ଶିଶୁକନ୍ୟାର ମୃତ୍ୟୁ ଘଟିଛି। ବୁଧବାର ୧୦ ଟା ସମୟରେ ଶୋଭାପାରା ଗ୍ରାମର ସୋନେହର ଗଣ୍ଡ ପରିବାର ସହ ନିଜ ଚାଷ ଜମିକୁ ଯାଇଥିଲେ । ସାଙ୍ଗରେ ନେଇଥିବା ୨ବର୍ଷର ଝିଅକୁ ଜମି ହିଡରେ ଖେଳିବାକୁ ବସେଇ ସ୍ୱାମୀ ସ୍ତ୍ରୀ ଉଭୟରେ ଜମିରେ କାମ କରୁଥିଲେ । କିଛି ସମୟ ପରେ ହିଡ଼ ଉପରେ ଝିଅକୁ ନ ଦେଖି ଜମି ପାଖାପାଖି ସବୁ ଜାଗା ଖୋଜିଥିଲେ। ନିକଟରେ ଥିବା ଚାଷ ଜମିର କୋଣରେ ଥିବା ଏକ ପୁରୁଣା କୂଅରେ ଶିଶୁଟି ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏହି ଘଟଣାରେ ରାଇଘର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ସବ୍ ଇନସ୍ପେକ୍ଟର ମେନକା ସା କହିଛନ୍ତି ।

# ଲଗାଣ ବର୍ଷା: ବାଲିମେଳା ଡ୍ୟାମ୍‌ରେ ବଢୁନି ଜଳସ୍ତର



ଚିତ୍ରକୋଣ୍ଡା, ୨୬।୭(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଚିତ୍ରକୋଣ୍ଡା ସ୍ଥିଲ୍‌ବାଇସ୍ଥିତ ବାଲିମେଳା ଜଳଭଣ୍ଡାର ବା ବାଲିମେଳା ଡ୍ୟାମ୍‌ର ଜଳ ପତ୍ତନ ବର୍ଷା ହେଲେ ଧୀରେ ଧୀରେ ବଢ଼ିବାକୁ ଲାଗିଥାଏ। ମାତ୍ର ଜିଲାର ଅନ୍ୟ ସ୍ଥାନରେ ପ୍ରବଳ ବର୍ଷା ହେଉଥିବା ବେଳେ ଉକ୍ତ ଅଞ୍ଚଳରେ କମ୍ ପରିମାଣ ବର୍ଷା ହେଉଥିବାରୁ ଚଳିତ ବର୍ଷ ଜୁଲାଇ ଶେଷ ସପ୍ତାହ ସୁଦ୍ଧା ଡ୍ୟାମ୍ ଜଳ ପତ୍ତନ ସେତେଟା ବୃଦ୍ଧା ପାଇ ନ ଥିବା ଦେଖିବାକୁ ମିଳିଛି । ଡ୍ୟାମ୍‌ରେ ଗତବର୍ଷ ଏହି ସମୟରେ ୧୪୫୪.୯୦ ଫୁଟରୁ ଉର୍ଦ୍ଧ୍ୱ ପାଣି ଥିବାବେଳେ ଚଳିତ ମାସ ମଙ୍ଗଳବାର ସୁଦ୍ଧା ଡ୍ୟାମ୍‌ରେ ପାଣି ରହିଛି ମାତ୍ର ୧୪୬୨.୫ ଫୁଟ। ଡ୍ୟାମ୍‌ରେ ଥିବା ୧୦୦ ଭାଗର ପାଣି ଜାଗାରେ ପାଣି ଅଛି ମାତ୍ର ୨୦ ଭାଗ। ଡ୍ୟାମ ଜଳ ଧାରଣ କ୍ଷମତା ପୂର୍ଣ୍ଣହେବାକୁ ଖାଲି ପଡିଛି ଆହୁରି ୮୦ ଭାଗ । ଚଳିତ ବର୍ଷ ବର୍ଷା ଆସିଲା ବିଳମ୍ବରେ,ଲଗାଣ ବର୍ଷା ଆଜି ସୁଧା ଲାଗି ରହିଛି। ଡ୍ୟାମ୍‌ର ଜଳ ଧାରଣ କ୍ଷମତା ୧୫୧୪ ଫୁଟ ଥିବାବେଳେ ବିପଦ ସଂକେତ କ୍ଷମତା ୧୫୧୬ଫୁଟ ରହିଛି। ଜୁଲାଇ ଶେଷ ହେବାକୁ ବସିଲାଣି ମାତ୍ର ବର୍ଷା ନ ଥିବାରୁ ଡ୍ୟାମ୍‌ରେ ରହିଛି ମାତ୍ର ୧୪୬୨.୫ ଫୁଟ ପାଣି ।

# ଆଇନ ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,୨୬।୭(ନୃସିଂହ ଚରଣ ମହାନ୍ତି)

ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଅଧ୍ୟକ୍ଷ ତଥା ଜିଲା ବିଚାରପତି ଅଜନ୍ତା ଷଡଙ୍ଗୀଙ୍କ ନିର୍ଦ୍ଦେଶରେ ଏକ ଆଇନ ସଚେତନତା ଶିବିର ମାଲକାନଗିରି କେନ୍ଦ୍ରୀୟ ବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ସଚିବ ତଥା ନିରନ୍ତର ଲୋକ ଅଦାଲତ ବିଚାରପତି ରାକେଶ କୁମାର ମୁଦୁଲି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଆଇନ ସେବା ପ୍ରାଧିକରଣର କାର୍ଯ୍ୟ ଓ କ୍ଷମତା, ଆଇନ ସେବା ଦ୍ୱାରା ଜନସାଧାରଣ ପାଉଥିବା ବିଭିନ୍ନ ସୁବିଧା, ସାମ୍ବିଧାନିକ ବ୍ୟବସ୍ଥା, ଶିଶୁ ସୁରକ୍ଷା ଓ ଶିଶୁ ଅଧିକାର, କିଶୋର ନ୍ୟାୟ ଆଇନ, ଶିକ୍ଷା ଅଧିକାର ଆଇନ, ପୋକ୍‌ସୋ ଆଇନ, ଶିଶୁ ଶ୍ରମିକ ବିରୋଧ ଆଇନ, ବାଲ୍ୟବିବାହ ବିରୋଧ ଆଇନ ଇତ୍ୟାଦି ବିଷୟରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମ ପରେ ପ୍ରାଧିକରଣ ସଚିବ ବିଦ୍ୟାଳୟକୁ ବୁଲି ଦେଖିଥିଲେ। ବିଦ୍ୟାଳୟ କୋଠାରେ ଫାଟ ସୃଷ୍ଟି ହୋଇ ବିପଦସଙ୍କୁଳ ଅବସ୍ଥାରେ ଛାତ୍ରୀଛାତ୍ର ପାଠ ପଢୁଥିବା, ଶୌଚାଳୟ ସମସ୍ୟା, ସମ୍ମିଳନୀ କକ୍ଷ ଅଭାବ, ଖେଳ ପଡ଼ିଆର ରକ୍ଷଣାବେକ୍ଷଣ ଅଭାବ, ବିଦ୍ୟାଳୟ ଚାରିପଟେ ଜଙ୍ଗଲ ହୋଇ ସରୀସୃପ ଭୟ, ବିଭିନ୍ନ ଜାଗାରେ ପାଣି ଜମି ଶିଉଳି ହେବା, ବହୁବର୍ଷ ଧରି ବିଦ୍ୟାଳୟ ଚୂନ ମରା ନ ଯିବା ଇତ୍ୟାଦି ଅବ୍ୟବସ୍ଥା ଦେଖି ଅସନ୍ତୁଷ୍ଟ ପ୍ରକାଶ କରିଥିଲେ। ତୁରନ୍ତ ସମସ୍ୟା ସମାଧାନ ପାଇଁ ପ୍ରାଧିକରଣ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମସ୍ୟାର ଶୀଘ୍ର ସମାଧାନ ପାଇଁ କେନ୍ଦ୍ରୀୟ ବିଦ୍ୟାଳୟ କମିଶନର, ଉପ କମିଶନର, ସଂଗଠନ ଅଧୀକ୍ଷଣ ଯନ୍ତ୍ରୀ ଓ କେନ୍ଦ୍ରୀୟ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ।

# ମାଲକାନଗିରି ମହାବିଦ୍ୟାଳୟରେ କାର୍‌ଗିଲ୍ ବିଜୟ ଦିବସ

ମାଲକାନଗିରି,୨୬।୭(ନୃସିଂହ ଚରଣ ମହାନ୍ତି)

ମାଲକାନଗିରି ମହାବିଦ୍ୟାଳୟରେ ବୁଧବାର ୨୪ତମ କାର୍‌ଗିଲ୍ ବିଜୟ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଲିଙ୍ଗରାଜ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ୧୯୯୯ରେ ଲାହୋର ରାଜିନାମାକୁ ଅମାନ୍ୟକରି ପାକିସ୍ତାନ ସେନା କଶ୍ମୀରର କାର୍‌ଗିଲ୍ ଅଞ୍ଚଳରେ ପ୍ରବେଶ କରିଥିଲା। ଭାରତ ଓ ପାକିସ୍ତାନ ମଧ୍ୟରେ ୨ମାସ ଧରି ଯୁଦ୍ଧ ଚାଲିଥିଲା, ସେଥିରେ ଭାରତ ବିଜୟୀ ହୋଇଥିଲା। ସେହି ଯୁଦ୍ଧରେ ଯେଉଁ ବୀର ଯବାନ ଶହୀଦ ହୋଇଥିଲେ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବାକୁ ଏ କାର୍‌ଗିଲ୍ ଦିବସ ପାଳନ କରାଯାଉଥିବା କହିଥିଲେ। ଛାତ୍ରୀଛାତ୍ରଙ୍କୁ ଦେଶ ମାତୃକା ପାଇଁ ଜୀବନ ଦେଇଥିବା ବୀର ଯବାନଙ୍କ ଗାଥା କହିଥିଲେ। ପ୍ରାକ୍ତନ ଅଧ୍ୟକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବାଣିଜ୍ୟ ବିଭାଗ ମୁଖ୍ୟ



କାର୍ଯ୍ୟକ୍ରମରେ ଅତିଥିମାନେ ବିଜୟ ଦିବସ ଉପରେ କହୁଛନ୍ତି ।

ଡ. ରଞ୍ଜନ କୁମାର ସ୍ୱାଇଁ କାର୍‌ଗିଲ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟବକ୍ତା ଷଡ଼ଙ୍ଗୀ କାର୍‌ଗିଲ୍ ଯୁଦ୍ଧ ଓ ଭାରତର ମହାନୀୟତା ବିଷୟରେ ଚର୍ଚ୍ଚା କରିଥିଲେ। ଇତିହାସ ଅଧ୍ୟାପକ ଡ. ଗୋକୁଳାନନ୍ଦ ପାତ୍ର ଯୁଦ୍ଧ ଏବଂ ତା'ର ବିଭୀଷିକା ଉପରେ ଆଲୋକପାତ କରିଥିଲେ। ଏହି ସ୍ମୃତି ସଭାରେ ସମସ୍ତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର କାର୍‌ଗିଲ୍‌ରେ ଶହୀଦ ଯବାନମାନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଛାତ୍ରୀଛାତ୍ରମାନେ ଏ ଦିବସ ପାଳନ କରି ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ସହ ଆଗାମୀ ଦିନରେ ଦେଶପ୍ରେମୀ ହେବାକୁ କହିଥିଲେ। ଇତିହାସ ବିଭାଗ ମୁଖ୍ୟ ନମିତା ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାସ୍ତରୀୟ ଶିଶୁ ସୁରକ୍ଷା ସଚେତନତା ଶିବିର

ମାଲକାନଗିରି,୨୬।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ସଦର ମହକୁମା ଜିଲା ପରିଷଦ ସଭା ଗୃହରେ ଜିଲାସ୍ତରୀୟ ଶିଶୁ ସୁରକ୍ଷା ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, ମାଲକାନଗିରି ଏବଂ ଓଡିଶା ଜୀବିକା ମିଶନର ମିଳିତ ଆନୁକୂଲ୍ୟରେ ଜିଲାକୁ ବାଲ୍ୟ ବିବାହ ମୁକ୍ତ କରିବା ସମସ୍ତେ ଅଧାରୁ ପାଠ ଛାଡିଥିବା ପିଲାମାନଙ୍କୁ ପୁନର୍ବାର ବିଦ୍ୟାଳୟରେ ନାମ ଲେଖାଇବା, ଧନ୍ଦାମୂଳକ ଶିକ୍ଷା ଦ୍ୱାରା ପିଲାଙ୍କୁ ଆତ୍ମ ନିର୍ଭରଶୀଳ କରିବା ଏବଂ ଯୌନ ଶୋଷଣରୁ ଶିଶୁମାନଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ଜିଲାରେ ପୁଅ ଝିଅଙ୍କ ମଧ୍ୟରେ ଥିବା ଲିଙ୍ଗଗତ ଭେଦଭାବକୁ ଦୂର କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏଥିରେ ଜିଲା ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ସଂଯୁକ୍ତା ପ୍ରଧାନ, ଜିଲା ସଂଯୋଜକ (ଆକ୍ସନ ଏଡ୍) ଦଳପତି ନାୟକ, ରାଜ୍ୟସ୍ତରୀୟ ପ୍ରଶିକ୍ଷକ ମନୋଜ କୁମାର ସାହୁ, ଜିଲା ପ୍ରକଳ୍ପ ପରିଚାଳକ ପବିତ୍ର ମୋହନ ବାରା, ଜିଲା ସଂଯୋଜକ ତୃପ୍ତିମୟୀ ପଣ୍ଡା, ସୁଦେଷ୍ଣା ରାଉତ, କୁଞ୍ଜଲତା ପ୍ରଧାନ ଏବଂ ଜିଲାର ପଞ୍ଚାୟତସ୍ତରରୁ ଆସିଥିବା ସମସ୍ତ ପ୍ରେରଣା ଦିଦି ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଜିଲା ସୁରକ୍ଷା ଅଧିକାରୀ ନାରାୟଣ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କରଡି ଲାଗି ପଦା ହେଉଛି ବାଉଁଶ ଜଙ୍ଗଲ


ବାଉଁଶ କରଡି ।

ବାଲିମେଳା,୨୬।୭(ଶିବଦତ୍ତ ସାହୁ)

ଦିନକୁ ଦିନ ବାଉଁଶ ଗଜା(କରଡି)ର ଚାହିଦା ସ୍ଥାନୀୟ ଅଞ୍ଚଳରେ ବଢୁଛି। ଲୋକେ ଏଥିରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରି ଖାଉଥିବା ବେଳେ ଆଦିବାସୀମାନେ ଜଙ୍ଗଲରୁ ଏହାକୁ ସଂଗ୍ରହ କରି ବଜାରରେ ବିକ୍ରି କରି ବେସ ଦି ପଇସା ମଧ୍ୟ ରୋଜଗାର କରୁଛନ୍ତି । ଅନ୍ୟପକ୍ଷରେ ପ୍ରତିଦିନ ଜଙ୍ଗଲରୁ ବିପୁଳ ପରିମାଣରେ କରଡି ସଂଗ୍ରହ ହେଉଥିବା ଯୋଗୁ ମାଲକାନଗିରି ଜିଲାର ବିଭିନ୍ନ ଅଞ୍ଚଳରେ ବାଉଁଶ ଜଙ୍ଗଲ ପଦା ହେବାରେ ଲାଗିଛି। ବନ ବିଭାଗର କର୍ତ୍ତୃପକ୍ଷ ଓ କର୍ମଚାରୀମାନେ ଏ ଦିଗରେ ନୀରବ ରହୁଥିବାରୁ ଲୋକେ ବେଧଡକ ଭାବେ ଜଙ୍ଗଲରୁ କରଡି ସଂଗ୍ରହ କରି ଚାଲିଛନ୍ତି । ସୂଚନାଯୋଗ୍ୟ, କରଡି ସଂଗ୍ରହକରି ବଜାରରେ ବିକ୍ରି କରିବା ମାଲକାନଗିରି ଜିଲା ଆଦିବାସୀ ଜନଜାତିଙ୍କର ଅନ୍ୟ ଏକ ରୋଜଗାର ପନ୍ଥା। ବର୍ଷା ଦିନେ ପ୍ରତିଦିନ ସକାଳେ ଆଦିବାସୀମାନେ ଜଙ୍ଗଲକୁ ଯାଇ ବାଉଁଶ ମୂଳରୁ କରଡି ସଂଗ୍ରହ କରିଥାନ୍ତି

ଏହା ଉପରେ ଥିବା ଅଂଶରୁ ମୋଟା ଆବରଣକୁ କାଟି ବିଡା ବାନ୍ଧିଥାନ୍ତି। ପ୍ରତି ବିଡ଼ାରେ ୪ ରୁ ୫ ଟି ଲେଖାଏ କରଡି ଥାଏ । କରଡିରେ ନାନା ପ୍ରକାର ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି ସାଧାରଣ ଲୋକେ ମଧ୍ୟ ଏହାକୁ ଖାଦ୍ୟ ଭବେ ଗ୍ରହଣ କରିଥାନ୍ତି। ଜଣେ ଆଦିବାସୀ ବଜାରରେ କରଡି ବିକ୍ରି କରି ଦିନକୁ ହାରାହାରି ୩୦୦ ଟଙ୍କା ରୋଜଗାର କରିଥାନ୍ତି। ମାଲକାନଗିରି ଜିଲା କୋରୁକୋଣ୍ଡା, ବାଲିମେଳା, ଚିତ୍ରକୋଣ୍ଡା, କୁଡୁମୁଲୁଗୁମ୍ମା, ଖଇରପୁଟ, ମାଥିଲି ଓ ଗୋବିନ୍ଦାପାଲ୍ଲୀ ଆଦି ବିଭିନ୍ନ ଅଞ୍ଚଳରେ କରଡି ପ୍ରଚୁର ପରିମାଣରେ ଉପଲବ୍ଧ ହୋଇଥାଏ। ଏହି ସବୁ ଅଞ୍ଚଳର ନିକଟବର୍ତ୍ତୀ ଜଙ୍ଗଲ ଗୁଡିକରେ ବାଉଁଶ ଗଛ ଥିବାରୁ ଲୋକେ ଉକ୍ତ ଜଙ୍ଗଲରୁ ଅଧିକରୁ ଅଧିକ କରଡି ସଂଗ୍ରହ କରିଥାନ୍ତି । ତେବେ ପ୍ରତିବର୍ଷ ବର୍ଷା ଦିନେ ଜଙ୍ଗଲରେ ଥିବା ବାଉଁଶ ଗଛ ମୂଳରେ ଗଜା ବାହାରିବା ସମୟରେ ସେଠାରୁ ବିପୁଳ ପରିମାଣର କରଡି ସଂଗ୍ରହ ହେଉଥିବା ଯୋଗୁ ଜଙ୍ଗଲରେ ବାଉଁଶ ଜଙ୍ଗଲ ଲୋପ ପାଉଥିବାରୁ ଅଞ୍ଚଳ ବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

